ଷଷ୍ଠ ବର୍ଷ ● ଚତୁର୍ଥ ସଂଖ୍ୟା
ମଇ - ଜୁନ୍, ୨୦୨୧



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




ବେଦ ପ୍ରଚାର ସମିତି, ବ୍ରହ୍ମପୁର ପକ୍ଷରୁ ଆଧାତ୍ମିକ ବନବିହାର





ବେଦ ପ୍ରଚାର ସମିତି, ବ୍ରହ୍ମପୁର ପକ୍ଷରୁ ଆଧ୍ୟାତ୍ମିକ ବନବିହାର





ବେଦ ପ୍ରଚାର ସମିତି, ବ୍ରହ୍ମପୁର ପକ୍ଷରୁ ଆଧ୍ୟାତ୍ମିକ ବନବିହାର





ବେଦ ପ୍ରଚାର ସମିତି, ବ୍ରହ୍ମପୁର ପକ୍ଷରୁ ଆଧ୍ୟାତ୍ମିକ ବନବିହାର






ଯୁବ ଆର୍ଯ୍ୟ ସମାଜ, ଓଡ଼ିଶା ପକ୍ଷରୁ ବୈଦିକ ସିଦ୍ଧାନ୍ତ ପ୍ରଶିକ୍ଷଣ ଶିବିର

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଡଃ. ଲଳିତମଞ୍ଜରୀ ସାହୁ**

ପରିଚାଳନା ମଣ୍ଡଳୀ
**ଇଂ. ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଇଂ. ନାରାୟଣ ପଣ୍ଡା**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଚ.ଭା: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-6, Issue-4 , May-Jun. 2021

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଅମୃତତ୍ୱ ଅନ୍ୱେଷଣରେ | ୦୨ |
| ୦୨. | ଅମୃତ ବିନୟ ବଚନ | ୧୭ |
| ୦୩. | ଶ୍ରାବଣୀ ଉପାକର୍ମ | ୨୫ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**କ୍ରାନ୍ତିପୁରୁଷ ମହର୍ଷି ଦୟାନନ୍ଦ:**

# ଅମୃତତତ୍ତ୍ୱ ଅନ୍ୱେଷଣରେ

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ଅଢ଼େଇ ହଜାର ବର୍ଷ ପୂର୍ବେ କପିଳବସ୍ତୁର ରାଜକୁମାର ସିଦ୍ଧାର୍ଥ ଯୁବତୀ ପତ୍ନୀ ଯଶୋଧରା ତଥା ଶିଶୁପୁତ୍ର ରାହୁଲଙ୍କୁ ଛାଡ଼ି ଦୁଃଖର ନିଦାନ ଅନ୍ୱେଷଣରେ ରାଜପ୍ରାସାଦ ପରିତ୍ୟାଗ କରି ସାଧନା ପଥର ପଥିକ ହୋଇଯାଇଥିଲେ । ସତ୍ୟ ଶିବଙ୍କ ଯଥାର୍ଥ ସ୍ୱରୂପ ଦେଖିବା ତଥା ତାଙ୍କୁ ପ୍ରାପ୍ତ କରିବା ଏବଂ ଜନ୍ମ-ମରଣ ଚକ୍ରରୁ ଉଦ୍ଧାର ପାଇ ଶାଶ୍ୱତ ଶାନ୍ତି ଲାଭ କରିବା ଉଦ୍ଦେଶ୍ୟରେ ଆଜି ମୂଳଶଙ୍କର ଗୃହତ୍ୟାଗ କରି ଚାଲିଗଲେ । ଅମରତ୍ୱର ଉପାୟ ଯୋଗାଭ୍ୟାସ ବୋଲି ତାଙ୍କୁ ଶୁଣିବାକୁ ମିଳିଥିଲା । ସାୟଲା ଗ୍ରାମର ଲାଲା ଭକ୍ତ ଜଣେ ବଡ଼ ଯୋଗୀ ବୋଲି ଗୃହରେ ଥିବା ସମୟରେ ସେ ଶୁଣିଥିଲେ । ତେଣୁ ସାୟଲା ଗ୍ରାମକୁ ଲକ୍ଷ୍ୟରେ ରଖି ଟଙ୍କାରାର ଜାମନଗର ଦ୍ୱାର ଦେଇ ସେ ପଶ୍ଚିମ ଦିଗରେ ଯାତ୍ରା କଲେ । ଚାରି କୋଶ ବାଟ ଚାଲି ଏକ ଗ୍ରାମରେ ପହଞ୍ଚି ସେଠାରେ ରାତ୍ରିଯାପନ କଲେ । ବଡ଼ି ଭୋରରୁ ଉଠି ଆଗକୁ ବଢ଼ିଚାଲିଲେ । ମୁଖ୍ୟ ମାର୍ଗରେ ଯିବା ସମସ୍ୟାବହୁଳ ଥିଲା । କାରଣ କେହି ପରିଚିତ ବ୍ୟକ୍ତି ଦେଖିଦେଲେ ଘରକୁ ସୂଚନା ପହଞ୍ଚିଯିବାର, ଖୋଜିବା ପାଇଁ କେହି ଆସିଥିଲେ ରାସ୍ତାରେ ହାବୋଡ଼ିଯିବାର ସମ୍ଭାବନା ଥିଲା । ଏଣୁ ଆବୁଡ଼ାଖାବୁଡ଼ା, ଅଙ୍କାବଙ୍କା ପାଦଚଲା ରାସ୍ତାକୁ ହିଁ ସେ ସୁରକ୍ଷିତ ବିଚାରି ସେଇ ପଥ ଧରିଲେ । ସେହିଦିନ ସନ୍ଧ୍ୟା ହେବା ପର୍ଯ୍ୟନ୍ତ ସେ ଅନବରତ ଚାଲିଲେ । ପ୍ରାୟ ପନ୍ଦର କୋଶ ବାଟ ଯିବା ପରେ ବଡ଼ରାମପୁର ଗାଆଁରେ ପହଞ୍ଚି ସେଠାକାର ହନୁମାନ ମନ୍ଦିରରେ ରାତିରେ ବିଶ୍ରାମ ନେଲେ । ପରଦିନ ସକାଳୁସକାଳୁ ପୁଣି ତାଙ୍କ ଯାତ୍ରା ଆରମ୍ଭ ହୋଇଗଲା ।

ବିଳମ୍ବିତ ରାତି ପର୍ଯ୍ୟନ୍ତ ମୂଳଶଙ୍କର ଘରକୁ ନ ଫେରିବାରୁ ସେ କୁଆଡ଼େ ଗଲେ ବୋଲି ଏଣେ ଘରେ ଭାଳେଣି ପଡ଼ିଲା । ପ୍ରଥମେ ତାଙ୍କୁ ଗାଆଁ ଭିତରେ ଖୋଜାଗଲା । ତା' ପରେ ଆଖପାଖର ପରିଚିତଙ୍କୁ ପଚରାଗଲା । କୋଉଠି ନ ମିଳିବାରୁ ଖୋଜିବା ପାଇଁ ଅଶ୍ୱାରୋହୀ ଓ ପଦାତି ସିପାହିଙ୍କୁ ଦୂର ସ୍ଥାନକୁ ବି ପଠାଗଲା । କିନ୍ତୁ ସମସ୍ତେ ବିଫଳ ମନୋରଥ ହୋଇ ଫେରିଲେ ।

ମୂଳଶଙ୍କର ସାଧାରଣତଃ ଯେଉଁ ବସ୍ତ୍ର-ଅଳଙ୍କାର ସର୍ବଦା ପିନ୍ଧନ୍ତି ତାହା ପିନ୍ଧି ହିଁ ଘରୁ ବାହାରିଯାଇଥିଲେ । ତାଙ୍କ ପାଖରେ କିଛି ଟଙ୍କା ବି ଥିଲା । ରାସ୍ତାରେ ତାଙ୍କୁ କେତେକ ବାବାଜୀବେଶୀ ଭଣ୍ଡ ହାବୁଡ଼ିଲେ । ଯାଙ୍କ ସହ କଥା ହୋଇ ଅଭିପ୍ରାୟ ବୁଝିବା ପରେ ସେହି ମୂଲ୍ୟବାନ୍ ବସ୍ତ୍ର-ଅଳଙ୍କାର ସବୁ ହାତେଇବାକୁ ସେମାନେ ଯୋଜନା କଲେ । ସେମାନେ କହିଲେ — "ଏମିତି ମୂଲ୍ୟବାନ୍ ବସ୍ତ୍ର-ଅଳଙ୍କାର ଧାରଣ କରି କେହି ଯୋଗୀ-ବୈରାଗୀ ହୋଇପାରିବ ନାହିଁ । ଏସବୁ ପିନ୍ଧିବା ତ ଆସକ୍ତିର ଲକ୍ଷଣ । ତୁମେ ଏବେ ବି ସାଂସାରିକ ପଦାର୍ଥର ମୋହରେ ବାନ୍ଧିହୋଇଛ । ଯୋଗୀ ହେବାକୁ ଯଦି ଚାହୁଁଛ ତେବେ ଯଥାଶୀଘ୍ର ଏସବୁ ପରିତ୍ୟାଗ କର । ଏସବୁକୁ ଆମକୁ ଦାନ କରିଦେଲେ ବୈରାଗ୍ୟ ପଥରେ ଅଗ୍ରସର ହୋଇପାରିବ ।" ମୂଳଶଙ୍କର ତ ପୂର୍ଣ୍ଣ ନିଃସ୍ପୃହ ଭାବରେ ଧନ-ଧାନ୍ୟ ପରିପୂର୍ଣ୍ଣ ଗୃହ ତ୍ୟାଗ କରିଥିଲେ । ତେଣୁ ଏ ପଦାର୍ଥଗୁଡ଼ିକୁ ତ୍ୟାଗ କରିବାକୁ ତାଙ୍କୁ କାହିଁକି ବା ଦ୍ୱିଧା-

ବୋଧ ହୁଅନ୍ତା ? ବରଂ ଏସବୁ ତ ତାଙ୍କ ପାଇଁ ଭାରସ୍ୱରୂପ ଥିଲା । ଏଣୁ ସେ ତାଙ୍କର ସବୁ ଅଳଙ୍କାର ଓ କିଛି ଟଙ୍କା ସେମାନଙ୍କୁ ଦେଇଦେଲେ ଏବଂ ସ୍ୱ ଲକ୍ଷ୍ୟରେ ଆଗକୁ ଚାଲିଲେ ।

## ମୂଳଶଙ୍କରରୁ ଶୁଦ୍ଧଚୈତନ୍ୟ

ରାସ୍ତାରେ ଯାଉ-ଯାଉ ସେ ଏକଥା ବି ଶୁଣିଲେ ଯେ ସାୟଲାର ଲାଲା ଭକ୍ତ ସଜ୍ଜନ ବ୍ୟକ୍ତି ଓ ବହୁ ସାଧୁ-ସନ୍ଥ ଆସି ତାଙ୍କ ନିକଟରେ ରହନ୍ତି । ଏଣୁ ସେ ଯଥାଶୀଘ୍ର ସାୟଲା ପହଞ୍ଚିଗଲେ । ସେଠାରେ ଜଣେ ବ୍ରହ୍ମଚାରୀଙ୍କ ସହ ତାଙ୍କର ସାକ୍ଷାତ ହେଲା । ସେହି ବ୍ରହ୍ମଚାରୀ ଜଣକ ମୂଳଶଙ୍କରଙ୍କୁ ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ଦୀକ୍ଷା ନେବା ପାଇଁ ପରାମର୍ଶ ଦେଲେ । ମୂଳଶଙ୍କର ସେହି ବ୍ରହ୍ମଚାରୀଙ୍କ ଠାରୁ ଦୀକ୍ଷା ନେଇ 'ଶୁଦ୍ଧଚୈତନ୍ୟ' ନାମରେ ନାମିତ ହେଲେ । ଶୁଦ୍ଧଚୈତନ୍ୟଙ୍କୁ ସେ ବ୍ରହ୍ମଚାରୀ ଗେରୁଆ ରେଶମୀ ବସ୍ତ୍ର ଓ ଏକ ତୁମ୍ବା ଦେଲେ । ବର୍ତ୍ତମାନ ଶୁଦ୍ଧଚୈତନ୍ୟ ସେହି ବ୍ରହ୍ମଚାରୀଙ୍କ ଦଳରେ ସାମିଲ ହୋଇ ଯୋଗସାଧନାରେ ଲାଗିଗଲେ ।

ମାତା-ପିତାମାନେ ନିଜ ଅଜ୍ଞାନ କାରଣରୁ ସନ୍ତାନଙ୍କ ମନରେ ଭୂତ-ପ୍ରେତ ଆଦିର ଯେଉଁ ମିଥ୍ୟା ସଂସ୍କାର ବାଲ୍ୟକାଳରୁ ପକାଇଦେଇଥାନ୍ତି ତାହା ଯେ ପରବର୍ତ୍ତୀ କାଳରେ ମଧ୍ୟ କିପରି ଭୟ-ଉତ୍ପାଦକ ହୋଇଥାଏ ତାହା ଶୁଦ୍ଧଚୈତନ୍ୟଙ୍କ ଜୀବନର ଏ ଘଟଣାରୁ ଜଣାଯାଏ । ଦିନେ ସେ ରାତି ୩ଟାରୁ ଉଠି ଯୋଗସାଧନା ପାଇଁ ଏକ ଗଛ ମୂଳେ ବସିବାକୁ ଯାଉଥାନ୍ତି । ଏ ସମୟରେ ଏକ ଉଲ୍ଲୁକ ବୋବାଇବାରୁ ହଠାତ୍ ଭୂତ ଭୟରେ ସେ ମଠ ଭିତରକୁ ଚାଲିଆସିଲେ ।

କିଛି ଦିନ ସାୟଲାରେ ରହି ତା' ପରେ ଶୁଦ୍ଧଚୈତନ୍ୟ ଅହମଦାବାଦ ନିକଟସ୍ଥ କୋଟ କାଙ୍ଗଡ଼ା ଗଲେ । ସେଠାରେ ସେ ବୈରାଗୀମାନଙ୍କର ଏକ ବଡ଼ ଦଳ ଦେଖିଲେ । କୌଣସି ଏକ ରାଜକନ୍ୟା ବି ତାଙ୍କ ଜାଲରେ ପଡ଼ିଯାଇଥିବା ସେ ଦେଖିବାକୁ ପାଇଲେ । ସୁଦୃଶ୍ୟ ଯୁବା ବୈରାଗୀଙ୍କୁ ଦେଖି ସେ କନ୍ୟା ହାସ-ପରିହାସ ଆଦି କରି ଜାଲରେ ପକାଇବାକୁ ଚେଷ୍ଟା କଲା । ସଂସାର-ବିରାଗୀ ଶୁଦ୍ଧଚୈତନ୍ୟ ବଡ଼ ସତର୍କତାର ସହ ଏସବୁରୁ ଦୂରେଇ ରହିଲେ । ଯାଙ୍କୁ ରେଶମୀ ବସ୍ତ୍ରରେ ଦେଖି ଅନ୍ୟ ବୈରାଗୀମାନେ ଉପହାସ କଲେ । ଏଣୁ ସେ ତୁରନ୍ତ ରେଶମୀ ଧଡ଼ି ଥିବା ବସ୍ତ୍ର ବାହାର କରି ଫିଙ୍ଗିଦେଲେ ଏବଂ ତାଙ୍କ ପାଖରେ ସେତେବେଳେ ବଳକା ଥିବା ତିନି ଟଙ୍କାରେ ସୂତାର ଗେରୁଆ ବସ୍ତ୍ର କିଣି ପିନ୍ଧିଲେ । ସେଠାରେ ସେ ତିନି ମାସ ରହିଲେ । କିନ୍ତୁ ଏ ବୈରାଗୀମାନଙ୍କ ଠାରୁ ଦୂରେଇ ଆତ୍ମଚିନ୍ତନରେ ମଗ୍ନ ରହିଲେ ।

## ସିଦ୍ଧପୁର ମେଳାରେ

କୋଟ କାଙ୍ଗଡ଼ାରେ ସେ ଶୁଣିଲେ ଯେ ସିଦ୍ଧପୁରରେ ପ୍ରତିବର୍ଷ କାର୍ତ୍ତିକ ମାସରେ ମେଳା ହୁଏ ଓ ସେହି ମେଳାରେ ବହୁ ସଂଖ୍ୟକ ସାଧୁ-ସନ୍ଥ, ଯୋଗୀ-ମହାତ୍ମାଙ୍କର ସମାଗମ ହୁଏ । ଏହା ଶୁଣି ତାଙ୍କୁ ଏକ ଆଶାର ଆଲୋକ ଦେଖାଗଲା । କେହି ଜଣେ ହେଲେ ଯୋଗୀ ତ ମିଳିବେ ଯିଏ କି ତାଙ୍କୁ ଅମର ହେବାର ମାର୍ଗ ବତାଇଦେବେ ଭାବି ଶୁଦ୍ଧଚୈତନ୍ୟ ସିଦ୍ଧପୁର ରାସ୍ତା ଧରିଲେ । ତାଙ୍କ ପାଖ ଗାଆଁର ବୈରାଗୀ ହୋଇଯାଇଥିବା ଜଣେ ବ୍ୟକ୍ତିଙ୍କ ସହ ରାସ୍ତାରେ ତାଙ୍କର ଦେଖାହେଲା ଯିଏ କି ତାଙ୍କ ପରିବାର ସହ ଭଲ ଭାବେ ପରିଚିତ । ମୂଳଶଙ୍କରଙ୍କୁ ଏଇ ବେଶରେ ଦେଖି ସେ ବୈରାଗୀଙ୍କର ଆଶ୍ଚର୍ଯ୍ୟର ଠିକଣା ରହିଲା ନାହିଁ । ବୈରାଗୀ ପ୍ରଶ୍ନିଳ ଦୃଷ୍ଟିରେ ଶୁଦ୍ଧଚୈତନ୍ୟଙ୍କୁ ଚାହିଁବାରୁ ପରିଚିତ ଲୋକଙ୍କୁ ଦେଖି ଆପଣାର ଭାବି ସେ ଭାବାବେଶ ହୋଇ ଘର ଛାଡ଼ିବା ଠାରୁ ଆରମ୍ଭ କରି ସେପର୍ଯ୍ୟନ୍ତ ଘଟିଥିବା ସବୁ ବୃତ୍ତାନ୍ତ ତାଙ୍କୁ ଶୁଣାଇଲେ । ତା' ସହ ସେ ଯୋଗୀ ଅନ୍ୱେଷଣରେ ସିଦ୍ଧପୁର ମେଳାକୁ ଯାଉଥିବା କଥା ଓ ଅମରତ୍ୱ ପ୍ରାପ୍ତି

ନିମନ୍ତେ ଜୀବନକୁ ଯୋଗସାଧନାରେ ଲଗାଇବାର ସଂକଳ୍ପ ମଧ୍ୟ କହିଦେଲେ । ତା' ପରେ ସେ ବୈରାଗୀ ନିଜ ରାସ୍ତା ଧରିଲେ ଓ ଶୁଦ୍ଧଚୈତନ୍ୟ ସିଦ୍ଧପୁର ଅଭିମୁଖେ ଚାଲିଲେ ।

ସିଦ୍ଧପୁରରେ ପହଞ୍ଚି ଶୁଦ୍ଧଚୈତନ୍ୟ ନୀଳକଣ୍ଠ ମହାଦେବଙ୍କ ମନ୍ଦିରରେ ରହିଲେ । ତାଙ୍କ ପୂର୍ବରୁ ସେଠାରେ କେତେକ ଦଣ୍ଡୀ ସ୍ୱାମୀ ଓ ବ୍ରହ୍ମଚାରୀ ମଧ୍ୟ ଆସି ଅବସ୍ଥାନ କରୁଥିଲେ । ଶୁଦ୍ଧଚୈତନ୍ୟ ସେମାନଙ୍କ ସତ୍‌ସଙ୍ଗ ଦ୍ୱାରା ଏବଂ ମେଳାକୁ ଆସିଥିବା ଅନ୍ୟ ସାଧୁ-ସନ୍ଥ-ମହାତ୍ମା, ବିଦ୍ୱାନ୍-ପଣ୍ଡିତଙ୍କ ସମୀପକୁ ଯାଇ ଶ୍ରଦ୍ଧାବନତ ହୋଇ ସେମାନଙ୍କ ଉପଦେଶ ଦ୍ୱାରା ନିଜର ଜ୍ଞାନ-ପିପାସା ଶାନ୍ତ କରୁଥିଲେ ।

ରାସ୍ତାରେ ସେହି ବୈରାଗୀଙ୍କ ସହ ହୋଇଥିବା ସ୍ୱଳ୍ପ ସମୟର ସାକ୍ଷାତ ଯେ ତାଙ୍କ ପାଇଁ ଘୋର ବିପତ୍ତିକୁ ଡାକି ଆଣିବ ଏହା ଶୁଦ୍ଧଚୈତନ୍ୟଙ୍କ କଳ୍ପନାର ବାହାରେ ଥିଲା । ବୈରାଗୀ ନିଜ ସ୍ଥାନରେ ପହଞ୍ଚି କର୍ଷଣଜୀଙ୍କୁ ପତ୍ର ଲେଖି ଜଣାଇଲେ ଯେ ଆପଣଙ୍କ ପୁତ୍ର ସହ ମୋର ରାସ୍ତାରେ ଦେଖା ହୋଇଥିଲା । ଗୃହତ୍ୟାଗ କରି ଚାଲିଆସି ସେ କଷାୟ ବସ୍ତ୍ର ଧାରଣ କରି ବ୍ରହ୍ମଚାରୀ ହୋଇଯାଇଛି ଏବଂ ଯୋଗୀ ଅନ୍ୱେଷଣରେ ଏବେ ସିଦ୍ଧପୁର ମେଳାକୁ ଯାଉଛି । ପତ୍ର ପାଇବା ମାତ୍ରେ କର୍ଷଣଜୀ କିଛି ସିପାହିଙ୍କୁ ସାଥିରେ ନେଇ ସିଦ୍ଧପୁର ଅଭିମୁଖେ ବାହାରିଗଲେ । ସିଦ୍ଧପୁର ମେଳାରେ ପହଞ୍ଚି ସେ ସାଧୁ-ସନ୍ଥଙ୍କ ପ୍ରତ୍ୟେକ ଡେରା, ପ୍ରତି ମନ୍ଦିର ବୁଲି ପୁତ୍ରକୁ ଖୋଜିବାକୁ ଲାଗିଲେ । ପରିଶେଷରେ ଦିନେ ସକାଳେ ନୀଳକଣ୍ଠ ମହାଦେବଙ୍କ ମନ୍ଦିରରେ ସାଧୁ-ସନ୍ଥଙ୍କ ମେଳରେ ବସି ଶୁଦ୍ଧଚୈତନ୍ୟ ଜ୍ଞାନଚର୍ଚ୍ଚା ଶୁଣୁଥିବା ବେଳେ ସିପାହିମାନଙ୍କ ସହ ଯାଇ ସେ ସେଠାରେ ପହଞ୍ଚିଲେ । ପୁତ୍ରକୁ ଏହି ବେଶରେ ଦେଖି ସେ ଆତ୍ମନିୟନ୍ତ୍ରଣ ହରାଇଲେ । ଆଗ୍ନେୟଗିରିରୁ ତରଳ ଲାଭା ଉଦ୍‌ଗୀରଣ ହେବା ଭଳି ତାଙ୍କ ଭିତରର କୋହମିଶ୍ରିତ କ୍ରୋଧ ଫୁଟିପଡ଼ିଲା । "ତୁ ଆମ କୁଳରେ କଳଙ୍କ" କହି ତାଙ୍କ ପାଟିକୁ ଯାହା ଅସିଲା ବହେ ଗାଳି ଦେଲେ । ଅକସ୍ମାତ୍ ସମ୍ମୁଖରେ ପିତାଙ୍କୁ ଦେଖି ଶୁଦ୍ଧଚୈତନ୍ୟ ହତଭମ୍ବ ହୋଇଗଲେ । ପିତା ଏଭଳି କ୍ରୁଦ୍ଧ ଥିଲେ ଯେ ତାଙ୍କ ମୁହଁକୁ ଚାହିଁବାକୁ ଯାଙ୍କର ସାହସ କୁଳେଇଲା ନାହିଁ । ପିତା କ'ଣ ଦୁର୍ଗତି କରିବେ ଭାବି ସେ ଆତଙ୍କିତ ହୋଇଉଠିଲେ । ଡରିଡରି ସେ ପିତାଙ୍କ ଗୋଡ଼ତଳେ ପଡ଼ିଗଲେ । କ'ଣ କରିବେ, କି ପ୍ରତ୍ୟୁତ୍ତର ଦେବେ, କ'ଣ କହି ପିତାଙ୍କୁ ବୁଝାଇବେ ଏଭଳି କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଥିବା ସ୍ଥିତିରେ ତାଙ୍କ ମୁଖରୁ ସହସା ବାହାରିଗଲା — "ଅନ୍ୟର କଥାରେ ପଡ଼ି ମୁଁ ଘରୁ ବାହାରି ଆସିଥିଲି । ମୋତେ କ୍ଷମା କରିଦିଅ । ବହୁତ କଷ୍ଟ ପାଇଲିଣି । ମୁଁ ନିଜେ ଫେରିଯିବାକୁ ବାହାରିଥିଲି, ତୁମେ ଆସିଗଲ । ଏବେ ମୁଁ ତୁମ ସହ ଫେରିଯିବି ।" କିନ୍ତୁ ପୁତ୍ରର ଏ ଅନୁନୟ-ବିନୟ କଥାରେ ବି ପିତାଙ୍କ କ୍ରୋଧ ଶାନ୍ତ ହେଲା ନାହିଁ । କ୍ରୋଧାବିଷ୍ଟ ହୋଇ ସେ ପୁତ୍ରର ଗେରୁଆ ବସ୍ତ୍ରକୁ ଟାଣି ଚିରି ଖଣ୍ଡ-ଖଣ୍ଡ କରିଦେଲେ ଓ ତୁମ୍ୱାକୁ ତଳେ କଚାଡ଼ି ଭାଙ୍ଗିଦେଲେ । ଅନେକ ଦୁର୍ବଚନ ବର୍ଷାପୂର୍ବକ କହିଲେ — "ତୁ ମାତୃହନ୍ତା । ତୋର ଏ କାମ ପାଇଁ ତୋ ମାଆ ଏବେ ମୃତ୍ୟୁଶଯ୍ୟାରେ ପଡ଼ିଛି ।" ପିତା ତାଙ୍କୁ ଶ୍ୱେତ ବସ୍ତ୍ର ପରିଧାନ କରାଇ ସିପାହିମାନଙ୍କ କଡ଼ା ପହରା ଭିତରେ ମେଳାରେ ନିଜେ ରହୁଥିବା ସ୍ଥାନକୁ ନେଇଗଲେ । ପୁତ୍ର ଯେମିତି ଖସି କୁଆଡ଼େ ଆଉ ପଳାଇ ନ ପାରିବ ସେଥିପାଇଁ ସିପାହିମାନଙ୍କୁ କଡ଼ା ତାଗିଦ୍ କରି ପହରାରେ ଲଗାଇଦେଲେ ।

ନିର୍ବିଘ୍ନରେ ଘରକୁ ଫେରିଲେ ପୁତ୍ରର ବିବାହୋତ୍ସବ କରିବା ବିଚାରରେ ଏଣେ ପିତା ମଗ୍ନ ଅଛନ୍ତି । ଶୁଦ୍ଧଚୈତନ୍ୟ ଅକସ୍ମାତ୍ ପିତାଙ୍କୁ ସାମନାରେ ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇଯିବାରୁ ସିନା ଘରକୁ ଫେରିଯିବା

କଥା ହଠାତ୍ ତାଙ୍କ ମୁହଁରୁ ବାହାରିଗଲା; କିନ୍ତୁ ପରେପରେ ସେ ପ୍ରକୃତିସ୍ଥ ହୋଇଗଲେ । ସାଂସାରିକ ଲୌହଶୃଙ୍ଖଳରେ ବାନ୍ଧି ନ ହେବାର ତାଙ୍କ ସଂକଳ୍ପ ଅଚଳ-ଅଟଳ ଥିଲା । ସେ ବିଚାରୁଥିଲେ ଯେ ଥରେ ଘରକୁ ଫେରିଯାଇ ଗୃହସ୍ଥଜଞ୍ଜାଳରେ ପଡ଼ିଗଲେ ଅମରତ୍ୱ ପ୍ରାପ୍ତି ଏ ଜନ୍ମରେ ସ୍ୱପ୍ନ ହୋଇ ରହିଯିବ । ଦିନ-ରାତି ସିପାହିଙ୍କ କଡ଼ା ପହରା ଥିବା ବେଳେ କେମିତି ଏଥିରୁ ଖସିବେ ତାହା ଭାବି-ଭାବି ତାଙ୍କ ଆଖିରେ ନିଦ ନ ଥିଲା । ଏହି ଭଳି ଭାବେ ଦୁଇ ଦିନ କଟିଗଲା । ତୃତୀୟ ଦିନ ସୁଯୋଗ ଆସିଲା । ରାତି ତିନିଟା ବେଳକୁ ପ୍ରହରୀମାନେ ଥକିଯାଇଥିବାରୁ ବ୍ରହ୍ମଚାରୀ ଶୋଇପଡ଼ିଛନ୍ତି ଭାବି ନିଶ୍ଚିନ୍ତ ହୋଇ ବସି ଢୋଳଉଢୋଳଉ ଗଭୀର ନିଦରେ ଅଭିଭୂତ ହୋଇଗଲେ । ଶୁଦ୍ଧଚୈତନ୍ୟ ତ ଅବସର ଅପେକ୍ଷାରେ ଥିଲେ । ଏ ସୁବର୍ଣ୍ଣ ସୁଯୋଗ ସେ ହାତଛଡ଼ା କରନ୍ତେ କେମିତି ? ପାଣିଭର୍ତ୍ତି ଢାଳଟିଏ ହାତରେ ଧରି ଶୌଚ ଯିବା ବାହାନାରେ ପାଦ ଚିପି ଚିପି ବାହାରିଗଲେ ।

କିଛି ଦୂର ମନ୍ଥର ଗତିରେ ଯିବା ପରେ ସେ ଦ୍ରୁତ ବେଗରେ ଆଗେଇ ଚାଲିଲେ । ରାତି ପାହିବା ପୂର୍ବରୁ କୌଣସି ସୁରକ୍ଷିତ ସ୍ଥାନରେ ପହଞ୍ଚିଯିବାକୁ ସେ ଚାହୁଁଥିଲେ । ପ୍ରାୟ ଅଧା କୋଶ ବାଟ ଯିବା ପରେ ଗୋଟିଏ ବଗିଚାରେ ମନ୍ଦିରଟିଏ ତାଙ୍କୁ ଦେଖାଗଲା । ମନ୍ଦିରକୁ ଲାଗି ବିରାଟ ଝଙ୍କାଳିଆ ବରଗଛଟିଏ ଥିଲା । ସେହି ଗଛର ଶାଖା-ପ୍ରଶାଖା, ଡାଳପତ୍ର ମନ୍ଦିର ଉପରେ ଗହଳିଆ ହୋଇ ତା' ଚୂଡ଼ାକୁ ଲାଗି ରହିଥିଲା । ସେ ଶୀଘ୍ର ସେହି ଗଛରେ ଚଢ଼ି ଡାଳପତ୍ର ଗହଳରେ ମନ୍ଦିର ଶିଖରରେ ଲୁଚି ବସି ଅନିଶ୍ଚିତ ଭବିଷ୍ୟତର ପ୍ରତୀକ୍ଷାରେ ରହିଲେ । ଅଳ୍ପ ସମୟ ପରେ ତଳେ କିଛି ଶବ୍ଦ ସେ ଶୁଣିଲେ । ସକାଳେ ନିଦ ଭାଙ୍ଗିବା ପରେ ତାଙ୍କୁ ନ ପାଇ ଖୋଜିଖୋଜି ସିପାହିମାନେ ସେହି ମନ୍ଦିରରେ ପହଞ୍ଚିଯାଇଥିଲେ ଓ କେହି ଏପଟେ ଆସିଛି କି ବୋଲି ମାଳୀକୁ ପଚାରୁଥିଲେ । ଶୁଦ୍ଧଚୈତନ୍ୟ ସତର୍କ ହୋଇଗଲେ । ମନ୍ଦିର-ଶିଖରରେ ସେ ନିଶ୍ଚଳ-ନିଃସ୍ପନ୍ଦ ହୋଇ ବସିରହି ତଳେ କ'ଣ ଘଟୁଛି ତାହା ଦେଖିବାକୁ-ଶୁଣିବାକୁ ଲାଗିଲେ । ବଗିଚାରେ ଓ ମନ୍ଦିରର ଭିତରେ-ବାହାରେ ଭଲ ଭାବେ ଖୋଜି ସେଠାରେ ସେ ନାହାନ୍ତି ବୋଲି ନିଶ୍ଚିନ୍ତ ହୋଇଯିବା ପରେ ସିପାହିମାନେ ସେଠାରୁ ଚାଲିଗଲେ । ଶୁଦ୍ଧଚୈତନ୍ୟ ଶାନ୍ତିରେ ନିଃଶ୍ୱାସ ମାରିଲେ । ତଥାପି ଦିନବେଳେ ସେଠାରୁ ବାହାରିଲେ ହୁଏତ କେହି ଦେଖି ପୁଣି ଖବର ଦେଇଦେଇପାରେ, ଆଉ କୌଣସି ନୂଆ ବିପତ୍ତି ଆସିଯାଇପାରେ ବୋଲି ଭାବି ଭୋକଶୋଷରେ ସାରା ଦିନ ସେହି ମନ୍ଦିର ଶିଖରରେ ଚୁପ୍‌ଚାପ୍ ବସିରହିଲେ । ଧୀରେଧୀରେ ସଞ୍ଜ ନଇଁବାକୁ ଲାଗିଲା । ଚାରିଆଡ଼େ ଅନ୍ଧକାର ଛାଇଯିବାରୁ ସେ ମନ୍ଦିର ଶିଖରରୁ ତଳକୁ ଓହ୍ଲାଇଲେ ଏବଂ ଧରାପଡ଼ିଯିବା ଆଶଙ୍କାରେ ପକ୍କା ରାସ୍ତା ଛାଡ଼ି କଚ୍ଚା ରାସ୍ତାରେ ବିପରୀତ ଦିଗରେ ଦୁଇ କୋଶ ବାଟ ଯାଇ ଏକ ଗ୍ରାମରେ ରାତି ବିତାଇଲେ । ସିଦ୍ଧପୁରରେ ଏ ସାକ୍ଷାତ ଥିଲା ପିତାଙ୍କ ସହ ତାଙ୍କର ଅନ୍ତିମ ସାକ୍ଷାତ । ଏହା ସହ ପରିବାର-ପରିଜନଙ୍କ ଠାରୁ ସେ ଚିରଦିନ ପାଇଁ ବିଦାୟ ନେଇଯାଇଥିଲେ ।

ସକାଳୁସକାଳୁ ଶୁଦ୍ଧଚୈତନ୍ୟ ପୁଣି ନିଜ ଯାତ୍ରା ଆରମ୍ଭ କରିଦେଲେ । ଅନେକ ସ୍ଥାନ ଦେଇ ସେ ଅହମଦାବାଦରେ ପହଞ୍ଚିଲେ । ସେଠାରୁ ବଡ଼ୋଦା ଯାଇ ଚେତନମଠରେ ରହିଲେ । ସେଠାରେ ସ୍ୱାମୀ ବ୍ରହ୍ମାନନ୍ଦ ନାମକ ସନ୍ନ୍ୟାସୀ ଓ ଅନ୍ୟ ଅନେକ ବ୍ରହ୍ମଚାରୀଙ୍କ ସହ ତାଙ୍କର ସାକ୍ଷାତ ହେଲା । ସେମାନେ ଶଙ୍କରପନ୍ଥୀ ବେଦାନ୍ତୀ ଥିଲେ । ସେମାନଙ୍କ ସହ ଗହନ ଚର୍ଚ୍ଚା-ଆଲୋଚନା ଦ୍ୱାରା ଶୁଦ୍ଧଚୈତନ୍ୟଙ୍କ ଉପରେ ଅଦ୍ୱୈତବାଦର ରଙ୍ଗ ପୂରା ଚଢ଼ିଗଲା । ଶାଙ୍କରବେଦାନ୍ତର ତର୍କରେ ପ୍ରଭାବିତ ହୋଇ ସେ 'ମୁଁ ହିଁ ବ୍ରହ୍ମ, ମୋ ଠାରୁ ବ୍ରହ୍ମ ଅଲଗା ନୁହନ୍ତି, ଏ ସଂସାର ମିଥ୍ୟା' ବୋଲି

ସ୍ଥିରନିଶ୍ଚିତ ହୋଇଗଲେ । ବଡ଼ୋଦାରେ ସଚ୍ଚିଦାନନ୍ଦ ପରମହଂସ ନାମକ ଜଣେ ସନ୍ନ୍ୟାସୀଙ୍କ ସହ ତାଙ୍କର ତତ୍ତ୍ୱଜ୍ଞାନ ବିଷୟକ ଚର୍ଚ୍ଚା ହେଲା । ତାଙ୍କଠାରୁ ସେ ଶୁଣିଲେ ଯେ ଚାଣୋଦ କର୍ଣ୍ଣାଳୀ ନାମକ ସ୍ଥାନରେ ବହୁ ବିଦ୍ୱାନ୍ ସାଧୁ-ସନ୍ନ୍ୟାସୀ ରହନ୍ତି । ତେଣୁ ଚାଣୋଦ କର୍ଣ୍ଣାଳୀ ଯାଇ ସେ ଅନେକ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ବିଦ୍ୱାନଙ୍କୁ ଭେଟିଲେ ତଥା ସେଠାରେ କିଛି ମାସ ଅବସ୍ଥାନ କରି ପରମାନନ୍ଦ ପରମହଂସଙ୍କ ଠାରୁ ବେଦାନ୍ତସାର, ବେଦାନ୍ତପରିଭାଷା ଆଦି ଶାଙ୍କରବେଦାନ୍ତର ଅନେକ ପୁସ୍ତକ ଉତ୍ତମ ରୂପେ ଅଧ୍ୟୟନ କଲେ ।

## ସନ୍ନ୍ୟାସ ଦୀକ୍ଷା

ଶୁଦ୍ଧଚୈତନ୍ୟଙ୍କୁ ଅନୁଭବ ହେଲା ଯେ ସେ ବ୍ରହ୍ମଚାରୀ ଥିବାରୁ ତାଙ୍କୁ ନିଜେ ରୋଷେଇ କରି ଖାଇବାକୁ ପଡୁଛି ଓ ଏଥିରେ ବହୁ ସମୟ ଚାଲିଯାଉଛି । ଏଣୁ ବିଦ୍ୟାଧ୍ୟୟନରେ ବାଧା ସୃଷ୍ଟି ହେଉଛି । ତେଣୁ ସେ ବିଚାର କଲେ ଯେ ଯଦି ସନ୍ନ୍ୟାସ ଦୀକ୍ଷା ନେଇନିଆଯାଏ ତେବେ ଏ ଝଞ୍ଜଟରୁ ମୁକ୍ତି ମିଳିବ ଓ ଏକାଗ୍ରଚିତ୍ତରେ ଶାସ୍ତ୍ର ଅଧ୍ୟୟନ ନିମନ୍ତେ ଅଧିକ ସମୟ ମିଳିବ । ସନ୍ନ୍ୟାସୀ ହେବା ପାଇଁ ମୁଖ୍ୟ ଆବଶ୍ୟକତା ହେଲା ପୁତ୍ରୈଷଣା, ବିତ୍ତୈଷଣା ଓ ଲୋକୈଷଣାରୁ ମୁକ୍ତ ହେବା । ଏ ବ୍ରହ୍ମଚାରୀ ଯେବେଠାରୁ ନିଜର ବୈଭବଶାଳୀ ଘର-ପରିବାର, ଆସନ୍ନ ଗୃହସ୍ଥ ସୁଖ, ପିତାଙ୍କ ଅତୁଳ ସମ୍ପତ୍ତି ଓ ଖାନ୍‌ଦାନି ପ୍ରତିଷ୍ଠାକୁ ଗୋଇଠା ମାରି ଗୃହତ୍ୟାଗ ପୂର୍ବକ ମୁମୁକ୍ଷୁ ହୋଇଗଲେ ବାସ୍ତବିକ ଅର୍ଥରେ ସନ୍ନ୍ୟାସ ତ ସେବେଠାରୁ ଗ୍ରହଣ କରିସାରିଥିଲେ । କିନ୍ତୁ ପ୍ରଚଳିତ ଆଶ୍ରମ-ବ୍ୟବସ୍ଥା ଅନୁସାରେ ସେ ଦୀକ୍ଷିତ ବ୍ରହ୍ମଚାରୀ ହିଁ ଥିଲେ । ଯେପର୍ଯ୍ୟନ୍ତ କୌଣସି ତୁରୀୟାଶ୍ରମୀ ପରିବ୍ରାଜକଙ୍କୁ ଗୁରୁ ରୂପେ ବରଣ କରି ଶାସ୍ତ୍ର-ବିଧି ଅନୁସାରେ ଶିଖା-ସୂତ୍ରାଦିକୁ ଜଳାଞ୍ଜଳି ଦେଇ କଷାୟ ବସ୍ତ୍ର ଓ ଦଣ୍ଡ-କମଣ୍ଡଳୁ ଆଦି ଧାରଣ ପୂର୍ବକ ବିଧିବତ୍ ସନ୍ନ୍ୟାସ ଦୀକ୍ଷା ନେଇନାହାନ୍ତି ସେପର୍ଯ୍ୟନ୍ତ ସ୍ୱୟଂ ପାକ କରିବା ଆଦି ବାହ୍ୟାଚାରରୁ ମୁକ୍ତି ମିଳିବା ଅସମ୍ଭବ ଥିଲା ।

ଅତଃ ସନ୍ନ୍ୟାସ ଦୀକ୍ଷା ଦେବା ପାଇଁ ସେ ଜଣେ ବେଦାନ୍ତୀ ପଣ୍ଡିତଙ୍କ ମାଧ୍ୟମରେ ଚାଣୋଦର ଶାସ୍ତ୍ରନିଷ୍ଣାତ ବିଦ୍ୱାନ ଚିଦାଶ୍ରମ ସ୍ୱାମୀଙ୍କୁ ନିବେଦନ କଲେ । ଶୁଦ୍ଧଚୈତନ୍ୟଙ୍କ ବୟସ କମ୍ ବୋଲି କହି ସନ୍ନ୍ୟାସ ଦୀକ୍ଷା ଦେବାକୁ ସେ ଅସମ୍ମତ ହେଲେ । ତଥାପି ଶୁଦ୍ଧଚୈତନ୍ୟ ନିରାଶ ହେଲେ ନାହିଁ । ଦୁଇ ମାସ ପରେ ଆଉ ଏକ ସୁଯୋଗ ଆସି ପହଞ୍ଚିଲା । ଦକ୍ଷିଣର ଶୃଙ୍ଗେରୀ ମଠରୁ ଦ୍ୱାରକା ଅଭିମୁଖେ ଯାଉଥିବା ସ୍ୱାମୀ ପୂର୍ଣ୍ଣାନନ୍ଦ ସରସ୍ୱତୀ ନାମକ ଜଣେ ସନ୍ନ୍ୟାସୀ ଜଣେ ବ୍ରହ୍ମଚାରୀଙ୍କ ସହ ଆସି ଚାଣୋଦ ଠାରୁ ପ୍ରାୟ ଏକ କୋଶ ଦୂରରେ ଜଙ୍ଗଲରେ ଥିବା ଏକ ଆଶ୍ରୟଗୃହରେ ଅବସ୍ଥାନ କଲେ । ତାଙ୍କ ପ୍ରଶଂସା ଶୁଣି ଶୁଦ୍ଧଚୈତନ୍ୟ ପୂର୍ବୋକ୍ତ ବେଦାନ୍ତୀ ପଣ୍ଡିତଙ୍କ ସହ ଯାଇ ତାଙ୍କୁ ଦର୍ଶନ କଲେ । ବ୍ରହ୍ମବିଦ୍ୟା ବିଷୟକ ଆଲୋଚନା ପରେ ସେ ଜାଣିପାରିଲେ ଯେ ଆଗନ୍ତୁକ ସନ୍ନ୍ୟାସୀ ଶାଙ୍କରବେଦାନ୍ତର ପାରଙ୍ଗତ ବିଦ୍ୱାନ । ଏଣୁ ତାଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ନେବାର ନିର୍ଣ୍ଣୟ କରି ଶୁଦ୍ଧଚୈତନ୍ୟ ନିଜେ ତଥା ସେହି ପଣ୍ଡିତଙ୍କ ମାଧ୍ୟମରେ ସନ୍ନ୍ୟାସୀଙ୍କୁ ନିବେଦନ କଲେ । ଶୁଦ୍ଧଚୈତନ୍ୟ ନବଯୁବକ ହୋଇଥିବା କାରଣରୁ ବୟସ ଦୃଷ୍ଟିରୁ ତ ସେ ପ୍ରଥମେ ଅମଙ୍ଗ ହେଲେ; କିନ୍ତୁ ସେ ପଣ୍ଡିତ ଜଣକ ଶୁଦ୍ଧଚୈତନ୍ୟଙ୍କ ସଦାଚାର, ବୈରାଗ୍ୟପ୍ରବଣତା, ଅଧ୍ୟୟନଶୀଳତା ସାଙ୍ଗକୁ ଅଧ୍ୟୟନ-ଶାସ୍ତ୍ରାନୁଶୀଳନରେ ବାଧକ ହେଉଥିବା ରୋଷେଇ ଆଦିର ଅଯଥା ଝମେଲା କଥା କହିବାରୁ ତାଙ୍କ ଅରାଜିର ଏହି କାରଣଟି ଦୂର ହୋଇଗଲା । ତା' ପରେ ସ୍ୱାମୀ ପୂର୍ଣ୍ଣାନନ୍ଦ ମତ ଦେଲେ ଯେ ଯେହେତୁ ସେ ମହାରାଷ୍ଟ୍ରୀୟ, ତେଣୁ ଗୁଜରାଟୀ ବ୍ରହ୍ମଚାରୀଙ୍କୁ ସନ୍ନ୍ୟାସ ଦୀକ୍ଷା ଦେଇପାରିବେ ନାହିଁ । ଗୁର୍ଜର ବ୍ରହ୍ମଚାରୀ କୌଣସି ଗୁଜରାଟୀ ସନ୍ନ୍ୟାସୀଙ୍କଠାରୁ ହିଁ ଦୀକ୍ଷା

ନେବା ଉଚିତ । ସାଥିରେ ଥିବା ପଣ୍ଡିତ ଯୁକ୍ତି ଦେଲେ ଯେ ଦକ୍ଷିଣର ସନ୍ନ୍ୟାସୀମାନେ ପଞ୍ଚ-ଦ୍ରାବିଡ଼ର ଅନ୍ତର୍ଗତ ହୋଇଥିବା ସତ୍ତ୍ୱେ ଗୌଡ଼ ଆଦି(ବଙ୍ଗ ଦେଶର ଲୋକ)ଙ୍କୁ ତ ଦୀକ୍ଷା ଦେଉଛନ୍ତି । ତେଣୁ ଗୁଜରାଟୀ ପଞ୍ଚ-ଦ୍ରାବିଡ଼ର ଅନ୍ତର୍ଗତ ହୋଇଥିବାରୁ ଆପଣ ଗୁଜରାଟୀ ବ୍ରହ୍ମଚାରୀଙ୍କୁ ଦୀକ୍ଷା ଦେବାରେ କୌଣସି ଅସୁବିଧା ନାହିଁ । ଏହି ଯୁକ୍ତିରେ ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କ ସମସ୍ୟାର ସମାଧାନ ହୋଇଗଲା ଏବଂ ସେ ଶାସ୍ତ୍ରୋକ୍ତ ରୀତିରେ ତୃତୀୟ ଦିନ ଶୁଦ୍ଧଚୈତନ୍ୟଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ତାଙ୍କ ନାମ 'ଦୟାନନ୍ଦ ସରସ୍ୱତୀ' ରଖିଲେ । ସେତେବେଳକୁ ସ୍ୱାମୀ ଦୟାନନ୍ଦଙ୍କ ବୟସ ଚବିଶ ପୂର୍ଣ୍ଣ ହୋଇ ପଚିଶ ଚାଲିଥାଏ । ଦୀକ୍ଷାଦାତା ଗୁରୁଙ୍କ ଠାରୁ ଅନୁମତି ନେଇ ସ୍ୱାମୀ ଦୟାନନ୍ଦ ତାଙ୍କ ସମକ୍ଷରେ ହିଁ ଦଣ୍ଡ ବିସର୍ଜନ କରିଦେଲେ, କାରଣ ଦଣ୍ଡ ଧାରଣ କଲେ ସେ ବିଷୟକ ଅନେକ ଜଟିଳ ବାହ୍ୟକ୍ରିୟା ଅନୁଷ୍ଠାନର ନିୟମ ଥିଲା ଓ ସେଥିପାଇଁ ବହୁତ ସମୟ ଲାଗୁଥିଲା । ବର୍ତ୍ତମାନ ସ୍ୱାମୀ ଦୟାନନ୍ଦ ରୋଷେଇ ଆଦି ଜଞ୍ଜାଳରୁ ମୁକ୍ତ ହୋଇ ନିଶ୍ଚିନ୍ତ ମନରେ ବିଦ୍ୟାଧ୍ୟୟନ, ଶାସ୍ତ୍ରାନୁଶୀଳନରେ ମନୋନିବେଶ କଲେ ।

## ଯୋଗସାଧନା ଓ ସ୍ୱାଧ୍ୟାୟ

ଦୀକ୍ଷା ଦେବାର କିଛି ଦିନ ପରେ ସ୍ୱାମୀ ପୂର୍ଣ୍ଣାନନ୍ଦ ଦ୍ୱାରକା ଅଭିମୁଖେ ଚାଲିଗଲେ । ସ୍ୱାମୀ ଦୟାନନ୍ଦ ସର୍ବଦା ନବୀନ ଜ୍ଞାନ ଆହରଣ ପାଇଁ ଉତ୍ସୁକ ରହୁଥିଲେ । ଗୃହ ପରିତ୍ୟାଗ ସହ ହିଁ ସେ ବୋଧହୁଏ ଅହଂକାରକୁ ପରିତ୍ୟାଗ କରିଦେଇଥିଲେ । ଏଣୁ ଯେଉଁଠି ମଧ୍ୟ ଜ୍ଞାନର ପ୍ରସାଦ ପାଇବାର ସମ୍ଭାବନା ଦେଖୁଥିଲେ ଶ୍ରଦ୍ଧାପୂର୍ବକ ନିଜ ହୃଦୟ-ପାତ୍ର ପସାରି ଦେଉଥିଲେ । ସ୍ୱାମିଜୀ ଆଉ କିଛି ଦିନ ଚାଣୋଦରେ ରହି ବ୍ୟାସାଶ୍ରମ ଗଲେ । କାରଣ ଯୋଗାନନ୍ଦ ନାମକ ଜଣେ ଯୋଗବିଶାରଦ ସେଠାରେ ରହୁଥିବାର ଖବର ସେ ପାଇଲେ । କିଛି ଦିନ ବ୍ୟାସାଶ୍ରମରେ ଅବସ୍ଥାନ କରି ତାଙ୍କଠାରୁ ଯୋଗକ୍ରିୟା ଶିଖିଲେ । ସେଠାରୁ ସିନୋର ଯାଇ କିଛି ଦିନ ରହି କୃଷ୍ଣ ଶାସ୍ତ୍ରୀ ନାମକ ପଣ୍ଡିତଙ୍କଠାରୁ ସଂସ୍କୃତ ବ୍ୟାକରଣ ଅଭ୍ୟାସ କରି ପୁଣି ଚାଣୋଦ ଫେରିଆସିଲେ । ଏଥର ଚାଣୋଦରେ କିଛି ଅଧିକ ଦିନ ଅବସ୍ଥାନ କଲେ । ଏଠାରେ ଜ୍ୱାଳାନନ୍ଦ ପୁରୀ ଓ ଶିବାନନ୍ଦ ଗିରି ନାମକ ଦୁଇଜଣ ଯୋଗୀଙ୍କ ସହ ତାଙ୍କର ସାକ୍ଷାତ ହେଲା । ସେମାନଙ୍କ ସହ ଯୋଗଶାସ୍ତ୍ର ଆଲୋଚନା କଲେ ଓ କିଛିକିଛି ଯୌଗିକ କ୍ରିୟା ଶିଖିଲେ । ଅଳ୍ପ ଦିନ ପରେ ସେ ଦୁହେଁ ଅହମଦାବାଦ ଚାଲିଗଲେ ଏବଂ ଦୟାନନ୍ଦଙ୍କ ଯୋଗଜିଜ୍ଞାସା ଦେଖି ଗଲାବେଳେ କହିଗଲେ ଯେ ଏକ ମାସ ପରେ ଅହମଦାବାଦର ଦୁଗ୍ଧେଶ୍ୱର ମନ୍ଦିରରେ ସାକ୍ଷାତ କଲେ ଯୋଗକ୍ରିୟାଗୁଡ଼ିକୁ ସେମାନେ ବିଶଦ ଭାବେ ଶିଖାଇଦେବେ । ତଦନୁସାରେ ସ୍ୱାମୀ ଦୟାନନ୍ଦ ନିୟତ ସମୟରେ ଅହମଦାବାଦରେ ତାଙ୍କୁ ସାକ୍ଷାତ କରି ଯୋଗାଭ୍ୟାସ କ୍ରିୟା ଶିଖିଲେ । ନିଜର ଏହି ଯୋଗଗୁରୁଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ସ୍ୱାମୀଜୀ ଲେଖିଛନ୍ତି — "ଏମାନେ ନିଜର ପ୍ରତିଜ୍ଞା ରକ୍ଷା କରି ମୋତେ ପରିତୃପ୍ତ କରିଦେଲେ । ଏହି ମହାତ୍ମା ଯୋଗୀମାନଙ୍କ କୃପାରୁ ସମ୍ପୂର୍ଣ୍ଣ ଯୋଗବିଦ୍ୟା ଓ ତା'ର ସାଧନପ୍ରଣାଳୀ ମୁଁ ଉତ୍ତମ ରୂପେ ହୃଦୟଙ୍ଗମ କଲି । ଅତଃ ସେମାନଙ୍କ ନିକଟରେ ମୁଁ ଚିର କୃତଜ୍ଞ ।"

ଆବୁ ପର୍ବତରେ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଯୋଗୀ ରହୁଛନ୍ତି ଶୁଣି ସ୍ୱାମୀ ଦୟାନନ୍ଦ ଆବୁ ପହଞ୍ଚିଲେ ଓ ଭବାନୀଗିରିଙ୍କ ଠାରୁ ଯୋଗାଭ୍ୟାସର ଆଉ କେତେକ ପଦ୍ଧତି ଶିଖିଲେ । ଉତ୍ତରାଖଣ୍ଡର ହିମାଚ୍ଛାଦିତ ପ୍ରଦେଶରେ, ତଟିନୀ ତଟରେ ଓ ଘନ ଅରଣ୍ୟରେ ବହୁ ତପସ୍ୱୀ, ଯୋଗୀ ରହୁଥିବା ଶୁଣି ସେମାନଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ସେ ଉତ୍ତରାଖଣ୍ଡ ଯାତ୍ରା କଲେ । ବିଭିନ୍ନ ସ୍ଥାନ ଭ୍ରମଣ କରି ବିକ୍ରମାବ୍ଦ ୧୯୧୧ର ଶେଷଭାଗରେ(୧୮୫୫ ଖ୍ରୀଷ୍ଟାବ୍ଦରେ) ହରିଦ୍ୱାରରେ ପହଞ୍ଚିଲେ । ଏହା ତାଙ୍କର ପ୍ରଥମ ହରିଦ୍ୱାର ଯାତ୍ରା ଥିଲା । ସେତେବେଳକୁ ତାଙ୍କୁ

ତିରିଶ ବର୍ଷ ବୟସ ହୋଇଥିଲା । ସେତେବେଳେ ହରିଦ୍ୱାରରେ କୁମ୍ଭମେଳା ଚାଲିଥିଲା । ସେଠାରେ ସେ ବହୁ ସାଧୁ-ସନ୍ନ୍ୟାସୀଙ୍କୁ ସାକ୍ଷାତ କରି ଶାସ୍ତ୍ରଚର୍ଚ୍ଚା କଲେ । ମେଳାରେ ଅବସ୍ଥାନ କରୁଥିବା ପର୍ଯ୍ୟନ୍ତ ପ୍ରତ୍ୟହ ଚଣ୍ଡୀ ପର୍ବତର ଜଙ୍ଗଲକୁ ଯାଇ ଯୋଗାଭ୍ୟାସ କରୁଥିଲେ ।

ମେଳା ଶେଷ ହୋଇଯିବା ପରେ ସେ ଋଷିକେଶ ଯାଇ ବହୁ ଯୋଗୀ-ସନ୍ନ୍ୟାସୀଙ୍କ ସତ୍‌ସଙ୍ଗ ଲାଭ କଲେ । ସେଠାରୁ ବିକ୍ରମାବ୍ଦ ୧୯୧୨(ଖ୍ରୀଷ୍ଟାବ୍ଦ ୧୮୫୫)ରେ ଟିହରୀ ଗଲେ । ସେତେବେଳେ ତାଙ୍କ ସାଙ୍ଗରେ ଜଣେ ବ୍ରହ୍ମଚାରୀ ଓ ଦୁଇ ଜଣ ପାହାଡ଼ୀ ସାଧୁ ଥିଲେ । ସ୍ୱାମୀଜୀ ପୂର୍ବରୁ ବ୍ୟାକରଣ, ସାହିତ୍ୟ, ଜ୍ୟୋତିଷ ଗ୍ରନ୍ଥ ତ ଅଧ୍ୟୟନ କରିଥିଲେ; କିନ୍ତୁ ଏଠାରେ ପ୍ରଥମ ଥର ପାଇଁ ତନ୍ତ୍ର ଗ୍ରନ୍ଥ ପଢ଼ିବାକୁ ପାଇଲେ । ଅମର୍ଯ୍ୟାଦିତ ଓ ନୈତିକତାବିରୁଦ୍ଧ କର୍ମଗୁଡ଼ିକୁ ସେଥିରେ ସାଧନାର ଅଙ୍ଗ ରୂପେ ବର୍ଣ୍ଣନା କରାଯାଇଥିବା ଦେଖି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ବ୍ୟଥିତ ହେଲେ । ସାଧାରଣ ଧାର୍ମିକତାସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ମଧ୍ୟ ଅପେୟ-ଅଖାଦ୍ୟ ବୋଲି ବିଚାର କରାଯାଉଥିବା ମଦ୍ୟ-ମାଂସ ଆଦିର ସେବନ ତଥା ନାନାପ୍ରକାର ଦୁରାଚାରକୁ ଧର୍ମାଚରଣ ଓ ମୁକ୍ତିର ସାଧନ କୁହାଯିବା ଅନୁଚିତ ବୋଲି ତାଙ୍କର ଅନୁଭବ ହେଲା । ବାମମାର୍ଗୀଙ୍କ ଦ୍ୱାରା ପ୍ରଚଳିତ ଗର୍ହିତ ପଦ୍ଧତିଗୁଡ଼ିକ ଆଳଂକାରିକ ଓ ପ୍ରତୀକାତ୍ମକ ବୋଲି କେହିକେହି ମତ ଦେଇଥାନ୍ତି । କିନ୍ତୁ ତାଙ୍କର ହୃଦ୍‌ବୋଧ ହେଲା ଯେ ଏସବୁ ସଦାଚାର-ବିନାଶକ ଏବଂ ଲୋକମର୍ଯ୍ୟାଦା ଓ ଶାସ୍ତ୍ରମର୍ଯ୍ୟାଦାର ବିଧ୍ୱଂସକ; ସୁତରାଂ ସମାଜ ପାଇଁ ଘାତକ । ଟିହରୀରୁ ଶ୍ରୀନଗର ବାଟ ଦେଇ ସେ କେଦାରଘାଟରେ ପହଞ୍ଚିଲେ । ସେଠାରେ ସେ ବର୍ଷାକାଳ ଅତିବାହିତ କଲେ । ଗଙ୍ଗାଗିରି ନାମକ ଜଣେ ସହୃଦୟ ବିଦ୍ୱାନ ସନ୍ନ୍ୟାସୀଙ୍କ ସହ ତାଙ୍କର ସେଠାରେ ପରିଚୟ ହେଲା । ଉଭୟେ ସୁହୃଦ୍‌ଭାବରେ ଯୋଗ ଓ ଅନ୍ୟାନ୍ୟ ବିଷୟରେ ନିୟମିତ ଆଲୋଚନା କରୁଥାନ୍ତି । ପୂର୍ବୋକ୍ତ ବ୍ରହ୍ମଚାରୀ ଓ ପାର୍ବତୀୟ ସାଧୁଙ୍କ ସହ ସେଠାରୁ ସେ ରୁଦ୍ରପ୍ରୟାଗ ଓ ଅଗସ୍ତ୍ୟମୁନି ଆଶ୍ରମ ଆଦି ସ୍ଥାନ ଭ୍ରମଣ କରି ଶିବପୁରୀ ନାମକ ପର୍ବତଶିଖରରେ ପହଞ୍ଚିଲେ । ସେଠାରୁ ଏକାକୀ ତଳକୁ ଓହ୍ଲାଇ ଗୁପ୍ତକାଶୀ, ଗୌରୀକୁଣ୍ଡ, ଭୀମଗୁହା, ତ୍ରିଯୁଗୀନାରାୟଣ ଆଦି ସ୍ଥାନ ପରିଦର୍ଶନ କରି କେଦାରଘାଟ ଆସିଲେ । ଉପରୋକ୍ତ ବ୍ରହ୍ମଚାରୀ ଓ ସାଧୁ ଫେରିବା ପର୍ଯ୍ୟନ୍ତ କେଦାରଘାଟର ରମଣୀୟ ପରିବେଶରେ ଅବସ୍ଥାନ କରି ସେ ସେଠାକାର ପୂଜା-ପାଠ, ରୀତି-ନୀତିକୁ ସୂକ୍ଷ୍ମତାପୂର୍ବକ ଅନୁଧ୍ୟାନ କଲେ ।

ହିମାଳୟର ସ୍ଥାନେ-ସ୍ଥାନେ ଉଚ୍ଚ ସ୍ତରର ଯୋଗୀ-ତପସ୍ୱୀ ରହନ୍ତି ବୋଲି ସ୍ୱାମୀ ଦୟାନନ୍ଦ ଶୁଣିଥିଲେ । ତେଣୁ ସେହି ପର୍ବତଶିଖର ଓ ଶୈଳ ଉପତ୍ୟକାରେ ଭ୍ରମଣ କରି ଯୋଗୀଙ୍କ ଅନ୍ୱେଷଣ ପାଇଁ ସେ ମନ ବଳାଇଲେ । ତାଙ୍କ ସାଥିମାନେ ଏଥିରେ ଅମତ ହୋଇ ତାଙ୍କୁ ଛାଡ଼ି ଚାଲିଗଲେ । ହିମାଳୟର ହିମାଚ୍ଛାଦିତ ଦୁର୍ଗମ ପାର୍ବତ୍ୟ ପ୍ରଦେଶରେ କୋଡ଼ିଏ ଦିନ ପର୍ଯ୍ୟନ୍ତ ସେ ଏକାକୀ ଭ୍ରମଣ କରି ଯୋଗୀଙ୍କୁ ଅନ୍ୱେଷଣ କରିବାକୁ ଲାଗିଲେ । ଶୀତାଧିକ୍ୟ ଓ ପାର୍ବତୀୟ ଯାତ୍ରାର ଭୀଷଣ କଷ୍ଟ ତାଙ୍କୁ କିଞ୍ଚିତ ବି ହତୋତ୍ସାହିତ କରିପାରିଲା ନାହିଁ । କିନ୍ତୁ ତାଙ୍କର ଅଭୀଷ୍ଟ ପୂର୍ଣ୍ଣ ହେଲା ନାହିଁ । ସେ ବ୍ୟର୍ଥମନୋରଥ ହୋଇ ଫେରିଆସିଲେ । ପରନ୍ତୁ ତାଙ୍କ ଅଭୀପ୍ସା ତାଙ୍କୁ ସ୍ଥିର ହୋଇ ବସିବାକୁ ଦେଲା ନାହିଁ ।

ଏଥର ସେ ତୁଙ୍ଗନାଥ ପର୍ବତଶିଖର ଆରୋହଣ କଲେ । ସେଠାକାର ମନ୍ଦିରରେ ଶତଶଃ ମୂର୍ତ୍ତି ଓ ବହୁ ପୂଜାରୀଙ୍କୁ ତ ଦେଖିଲେ; କିନ୍ତୁ କେଉଁଠାରେ ହେଲେ ଯୋଗୀଙ୍କ ସନ୍ଧାନ ପାଇଲେ ନାହିଁ । ଅତଃ ସେ ତଳକୁ ଓହ୍ଲାଇଲେ । ଆଗରେ ଦୁଇଟି ରାସ୍ତା । ପଚାରିବା ପାଇଁ ପାଖରେ କେହି ନାହିଁ । କେଉଁ ମାର୍ଗରେ ଯିବା ଉଚିତ ନିର୍ଣ୍ଣୟ କରି ନ ପାରି ଗୋଟିଏ ରାସ୍ତା ଧରିଲେ । କିଛି ଦୂର ଯିବା ପରେ ସେ ଏକ ନିର୍ଜନ ଘନ କଣ୍ଟକାକୀର୍ଣ୍ଣ

ବନ୍ଧୁର ପ୍ରଦେଶରେ ପହଞ୍ଚିଯାଇଥିବା ଅନୁଭବ କଲେ । ସେ ଚାରିଆଡ଼କୁ ଆଖି ବୁଲାଇଲେ । ଆଗକୁ ରାସ୍ତାର କୌଣସି ଚିହ୍ନବର୍ଣ୍ଣ ନ ଥିଲା । ଉପରକୁ ଆଖି ପକାଇଲେ ତ ଚଢ଼ିବାର କୌଣସି ଉପାୟ ଦେଖାଗଲା ନାହିଁ । ଠିଖ ଉଠାଣି । ପାଦ ରଖିବାର କୌଣସି ସ୍ଥାନ ନାହିଁ । ତଳକୁ ଓହ୍ଲାଇଯିବା ହିଁ ବୁଦ୍ଧିମତ୍ତା ବୋଲି ସେ ବିଚାରିଲେ । ତଳକୁ ଦୃଷ୍ଟିପାତ କଲେ ତ ଚଢ଼ିବା ଠାରୁ ଓହ୍ଲାଇବା ଅଧିକ କଷ୍ଟସାଧ ବୋଧ ହେଲା; କିନ୍ତୁ ଓହ୍ଲାଇବା ବ୍ୟତୀତ ଗତ୍ୟନ୍ତର ନ ଥିଲା । ବିନା ସହାୟତାରେ ଓହ୍ଲାଇବା ସମ୍ଭବ ନ ଥିଲା । ବୃକ୍ଷରୁ ତଳକୁ ଲମ୍ବିଥିବା ଶାଖା, ଓହଳ, ଡାଳ, ଲମ୍ବା-ଲମ୍ବା ଘାସ ଓ ଜଙ୍ଗଲୀ ବୁଦାକୁ ଅତି ଯତ୍ନରେ ଧରି ଧୀରେଧୀରେ ଓହ୍ଲାଇବାକୁ ଆରମ୍ଭ କଲେ । ବହୁ ସମୟର ପରିଶ୍ରମ ପରେ ସେ ଏକ ଶୁଖିଲା ନାଳ କଡ଼ରେ ପହଞ୍ଚିଥିବା ଦେଖିଲେ । ଏଇଠି ପାଦଚଲା ରାସ୍ତାର ଚିହ୍ନବର୍ଣ୍ଣ ବି ନ ଥିଲା । ଧୀରେଧୀରେ ସୂର୍ଯ୍ୟ ଅସ୍ତାଚଳଗାମୀ ହେଉଥିଲେ । ସଞ୍ଜ ନଇଁ ଆସୁଥିଲା । ଶୀତ ବଢ଼ି ଚାଲିଥିଲା । ନିଆଁ ଜଳାଇବା ପାଇଁ କୌଣସି ସାଧନ ତାଙ୍କ ପାଖରେ ନ ଥିଲା । ଜନ-ମାନବ ଶୂନ୍ୟ ଭୀଷଣ ଜଙ୍ଗଲରେ ରାତି କଟାଇବା ତାଙ୍କୁ ନିରାପଦ ମନେହେଲା ନାହିଁ । ଯେନତେନ ପ୍ରକାରେଣ ସେଠାରୁ ବାହାରିବା ବ୍ୟତୀତ ଅନ୍ୟ ଉପାୟ ଦେଖାଗଲା ନାହିଁ । ଅତଃ ଅଦମ୍ୟ ଉତ୍ସାହ ଓ ପ୍ରବଳ ପୁରୁଷାର୍ଥକୁ ପାଥେୟ କରି ସେ ଅବିଳମ୍ବେ ସେଠାରୁ ଅନିଶ୍ଚିତ ପଥରେ ଆଗେଇଚାଲିଲେ । ଆଗକୁ ବାଟ କଣ୍ଟା-ବୁଦା ପୂର୍ଣ୍ଣ ଥିଲା । ଏଣେ ଖାଲି ପାଦକୁ ତେଣେ ମୁନିଆ କଣ୍ଟା ଓ ଗୋଜିଆ ପଥର ଉପର ଦେଇ ଯିବାକୁ ପଡୁଥିଲା । କଣ୍ଟା-ବୁଦାରେ ଲାଗି ବସ୍ତ୍ର ଚିରି-ଫାଟି ଗଲା, ଗୋଡ଼ କ୍ଷତ-ବିକ୍ଷତ ହୋଇଗଲା ଏବଂ ଶରୀର ସାରା ଆଞ୍ଚୁଡ଼ି ହୋଇ ରକ୍ତ ଝରିବାକୁ ଲାଗିଲା । କିନ୍ତୁ ସେଠାରେ ବିଶ୍ରାମ ନେବା ସମ୍ଭବ ନ ଥିଲା । ତା' ସାଙ୍ଗକୁ ଅନ୍ଧକାର ମଧ୍ୟ ସ୍ୱ ସାମ୍ରାଜ୍ୟ ବିସ୍ତାର କରିବାକୁ ଲାଗିଥିଲା । ଅନୁମାନ ଆଧାରରେ ଆଗେଇ ଚାଲିବା ବ୍ୟତୀତ ଆଉ ଚାରା ନ ଥିଲା । ତେଣୁ ସେ ପୂର୍ଣ୍ଣ ଉତ୍ସାହରେ ଆଗେଇ ଚାଲିଲେ । ପରିଣାମସ୍ୱରୂପ ବିକଟ ବନ ପାର ହୋଇଗଲେ । ଏଭଳି ସ୍ଥାନରେ ପହଞ୍ଚିଲେ ଯେଉଁଠି କିଛି ପର୍ଣ୍ଣକୁଟୀର ତାଙ୍କୁ ଦୃଷ୍ଟିଗୋଚର ହେଲା । କୁଟୀରବାସୀଙ୍କ ଠାରୁ ଜଣାପଡ଼ିଲା ଯେ ସେ ପାଖ ଦେଇ ଯାଉଥିବା ରାସ୍ତା ଓଖୀମଠକୁ ଯାଉଛି । ଅତଃ ସେ ସେହି ରାସ୍ତା ଧରିଲେ ।

## ଓଖୀ ମଠର ମହନ୍ତ ପଦ ଅସ୍ୱୀକାର

କିଛି ସମୟ ପରେ ସେ ଓଖୀ ମଠରେ ପହଞ୍ଚିଗଲେ । ସେଠାରେ ରାତ୍ରିଯାପନ କଲେ । ସେଠାରୁ ସେ ପୁନଃ ଗୁପ୍ତକାଶୀ ଗଲେ । କିନ୍ତୁ ପାର୍ବତ୍ୟପ୍ରଦେଶରେ ଯୋଗୀ ଅନ୍ୱେଷଣ ଇଚ୍ଛା ତାଙ୍କର ବଳବତୀ ଥିଲା । ତେଣୁ ସେ ପୁଣି ଓଖୀ ମଠକୁ ଫେରିଆସିଲେ । ଓଖୀ ମଠ ଏକ ପ୍ରସିଦ୍ଧ ଓ ସମ୍ପନ୍ନ ମଠ । ମଠର ମହନ୍ତଙ୍କ ସହ ତାଙ୍କର ଆଲୋଚନା ହେଲା । ସ୍ୱାମୀ ଦୟାନନ୍ଦଙ୍କ ଜ୍ଞାନ, ବୈରାଗ୍ୟ, ତିତିକ୍ଷା, ଅଧବସାୟ ଓ ସାଧନା ପ୍ରତି ଅଭିରୁଚି ଇତ୍ୟାଦି ଗୁଣରେ ମହନ୍ତ ପ୍ରଭାବିତ ହେଲେ । ସ୍ୱାମୀଜୀଙ୍କୁ ନିଜର ଶିଷ୍ୟ କରିବା ପାଇଁ ମନ ବଳାଇ ସେ ତାଙ୍କୁ ଏହି ପ୍ରସ୍ତାବ ଦେଲେ । ସ୍ୱାମୀଜୀ ପଚାରିଲେ — "ଏହାଦ୍ୱାରା କ'ଣ ଲାଭ ହେବ ?" ମହନ୍ତ ପ୍ରଲୋଭନ ଦେଖାଇଲେ — "ଏପରି କରିବା ଦ୍ୱାରା ତୁମେ ମୋର ଉତ୍ତରାଧିକାରୀ ହୋଇଯିବ । ଉତ୍ତରାଧିକାରୀ ସୂତ୍ରରେ ତୁମେ ଭବିଷ୍ୟତରେ ମଠର ମହନ୍ତ ହୋଇଯିବ । ମଠର ଲକ୍ଷ-ଲକ୍ଷ ଟଙ୍କାର ସମ୍ପତ୍ତିର ତୁମେ ଅନାୟାସରେ ମାଲିକ ହୋଇଯିବ ।" ସ୍ୱାମୀଜୀ ସ୍ମିତହାସ୍ୟ ପୂର୍ବକ କହିଲେ — "ଏହା ମୋର ଜୀବନର ଲକ୍ଷ୍ୟ ନୁହେଁ । ମୋର ପୈତୃକ ସମ୍ପତ୍ତି ଏହି ମଠର ସମ୍ପତ୍ତିର ଅନେକ ଗୁଣ । ଯଦି ଧନର ଲାଳସା ଥାଆନ୍ତା ତେବେ ଏତେ ସବୁ ପରିତ୍ୟାଗ କରି ମୁଁ ଏମିତି ପାହାଡ଼-ପର୍ବତରେ ଘୂରିବୁଲୁନଥାନ୍ତି । ଯେଉଁ ଅଭୀଷ୍ଟ ଲକ୍ଷ୍ୟ ପ୍ରାପ୍ତି ପାଇଁ ମୁଁ ଗୃହତ୍ୟାଗ କରିଛି ଓ ସାଂସାରିକ ଐଶ୍ୱର୍ଯ୍ୟରୁ

ମୁହଁ ମୋଡ଼ିଦେଇଛି, ନା ଆପଣ ସେଥିପାଇଁ ପ୍ରଯତ୍ନ କରୁଥିବାର ମୁଁ ଦେଖୁଛି, ନା ଆପଣଙ୍କର ସେ ବିଷୟରେ ଜ୍ଞାନ ଥିବାର ମୋର ଅନୁଭବ ହେଉଛି । ଫେରେ ମୁଁ ଆପଣଙ୍କ ଶିଷ୍ୟ ହେବା କି ଆପଣଙ୍କ ପାଖରେ ରହିବା କେମିତି ସମ୍ଭବ ?" ସ୍ୱାମୀଜୀଙ୍କ ଠାରୁ ଏପରି ନିର୍ଭୀକ, ସ୍ପଷ୍ଟ ଓ ନିରାସକ୍ତ ଉତ୍ତର ପାଇବେ ବୋଲି ମହନ୍ତଙ୍କର ଆଶା ନ ଥିଲା । ସେ ଚକିତ ଓ ସ୍ତମ୍ଭୀଭୂତ ହୋଇଗଲେ । ତାଙ୍କ ଆଶା ପାଣିଫାଟିଗଲା । ସାଂସାରିକ ବୈଭବକୁ ହିଁ ଜୀବନର ସବୁକିଛି ମନେକରୁଥିବା ଅଥଚ ସାଧୁବେଶରେ ଥିବା ବହୁ ବ୍ୟକ୍ତିଙ୍କୁ ତ ସେ ଦେଖିଥିଲେ; କିନ୍ତୁ ଏଭଳି ଉତ୍କୃଷ୍ଟ ବୈରାଗ୍ୟବାନ୍ ଓ ଜିଜ୍ଞାସୁଙ୍କ ସହ ସମ୍ଭବତଃ ପ୍ରଥମ ଥର ପାଇଁ ତାଙ୍କର ସମ୍ପର୍କ ହେଲା । ଜିଜ୍ଞାସାବଶତଃ ମହନ୍ତ ପଚାରିଲେ — "ତେବେ ତୁମର ଧ୍ୟେୟ କ'ଣ ଯାହାର ପ୍ରାପ୍ତି ପାଇଁ ତୁମେ ଏତେ ପରିଶ୍ରମ କରୁଛ ?" ଦୟାନନ୍ଦଙ୍କ ସହଜ-ସରଳ ଉତ୍ତର ଥିଲା — "ମୋର ଲକ୍ଷ୍ୟ ହେଲା ସତ୍ୟ, ଯୋଗବିଦ୍ୟା ଓ ମୋକ୍ଷ । କାରଣ ସତ୍ୟକୁ ଜାଣିବା ଓ ତା'ର ଆଚରଣ କରିବା ଦ୍ୱାରା ଆତ୍ମାର ପବିତ୍ରତା ସମ୍ପାଦନ ହେବ । ଯଥାର୍ଥତଃ ଯୋଗବିଦ୍ୟାର ଅନୁଷ୍ଠାନ ଦ୍ୱାରା ହିଁ ଆତ୍ମା ମୁକ୍ତି ପ୍ରାପ୍ତ କରିପାରିବ । ଯେପର୍ଯ୍ୟନ୍ତ ମୋର ମୋକ୍ଷପ୍ରାପ୍ତି ନ ହୋଇଛି ସେପର୍ଯ୍ୟନ୍ତ ରାଷ୍ଟ୍ରସେବାରେ ମୁଁ ନିରନ୍ତର ଲାଗିରହିବି । କାରଣ ଦେଶବାସୀଙ୍କ କଲ୍ୟାଣସାଧନ ପ୍ରତ୍ୟେକ ମଣିଷର ପରମ କର୍ତ୍ତବ୍ୟ ଓ ଆତ୍ମୋନ୍ନତିର ବି ସାଧନ ।" ସ୍ୱାମୀଜୀଙ୍କ ଉତ୍ତର ଶୁଣି ମହନ୍ତ ସନ୍ତୁଷ୍ଟ ହେଲେ ଏବଂ ଆଉ କିଛି ଦିନ ମଠରେ ଅବସ୍ଥାନ କରିବା ପାଇଁ ଆଗ୍ରହ କଲେ । ମଠର ମହନ୍ତଙ୍କ ପାଖରେ ଧନ ଥିଲା, ଐଶ୍ୱର୍ଯ୍ୟ ଥିଲା; କିନ୍ତୁ ସତ୍ୟ ନ ଥିଲା, ଯୋଗବିଦ୍ୟା ନ ଥିଲା କି ମୋକ୍ଷର ଉପାୟ ନଥିଲା । ଏଥିପାଇଁ ଜିଜ୍ଞାସୁ ଦୟାନନ୍ଦଙ୍କୁ ସେ ଆକର୍ଷିତ କରି ରଖିପାରିଲେ ନାହିଁ । ଅତଃ ପରଦିନ ହିଁ ସ୍ୱାମୀଜୀ ଓଖୀ ମଠରୁ ଜୋଶୀ ମଠକୁ ଚାଲିଗଲେ ।

## ଅଳକନନ୍ଦା ନଦୀର ଦୁର୍ଗମ ଯାତ୍ରା

ଜୋଶୀ ମଠରେ କେତେକ ଦାକ୍ଷିଣାତ୍ୟ ବିଦ୍ୱାନ୍ ଓ ସନ୍ନ୍ୟାସୀଙ୍କ ଗହଣରେ କିଛି ଦିନ ରହି ଶାସ୍ତ୍ରଚର୍ଚ୍ଚା କଲେ । ସେଠାରୁ ବଦ୍ରିନାଥ ଗଲେ । ବଦ୍ରିନାରାୟଣ ମନ୍ଦିର ଉତ୍ତର ଭାରତରେ ଥିଲେ ସୁଦ୍ଧା ତା'ର ପ୍ରଧାନ ମହନ୍ତ ହୋଇଥାନ୍ତି ଦକ୍ଷିଣ ଭାରତର ନମ୍ବୁଦରୀ ସମ୍ପ୍ରଦାୟର ବ୍ରାହ୍ମଣ । ତାଙ୍କୁ ରାଓ୍ୱଲ କୁହାଯାଏ । 'ଆଖପାଖରେ ତ କୌଣସି ଉଚ୍ଚକୋଟିର ଯୋଗୀ-ତପସ୍ୱୀ ନାହାନ୍ତି; କିନ୍ତୁ ସେମାନେ ବେଳେବେଳେ ମନ୍ଦିର ଦର୍ଶନକୁ ଆସନ୍ତି ବୋଲି ଲୋକେ କହନ୍ତି' - ରାଓ୍ୱଲଜୀ ସ୍ୱାମୀଜୀଙ୍କୁ କହିଲେ । ଅତଃ ନିଜେ ଅନୁସନ୍ଧାନ କରିବାକୁ ସ୍ୱାମୀଜୀ ନିଷ୍ପତ୍ତି ନେଲେ ।

ଦିନେ ସୂର୍ଯ୍ୟୋଦୟ ହେଉହେଉ ସେ ଯାତ୍ରା ଆରମ୍ଭ କରିଦେଲେ । ପାର୍ବତ୍ୟ ଉପତ୍ୟକା ପାର କରି ଅଳକନନ୍ଦା ନଦୀ ତଟରେ ପହଞ୍ଚିଲେ । ନଦୀ ସେପାରରେ ମାନା ଗ୍ରାମ ଥିଲା । ନଦୀ ପାର ହେବାର ତାଙ୍କର ଆଦୌ ଇଚ୍ଛା ନ ଥିଲା । ପର୍ବତ କଡ଼େକଡ଼େ ନଦୀ କୂଳେକୂଳେ ଥିବା ରାସ୍ତାରେ ଜଙ୍ଗଲ ଭିତରେ ଚାଲିଲେ । ପାହାଡ଼-ପର୍ବତ, ରାସ୍ତା-ଘାଟ ଘନ ବରଫରେ ଆଚ୍ଛାଦିତ ହୋଇରହିଥିଲା । କିନ୍ତୁ ତାଙ୍କ ଗତି ବନ୍ଦ ହେଲା ନାହିଁ । ଦୁର୍ଗମ ପଥ ଅତିକ୍ରମ କରି ବଡ଼ କଷ୍ଟରେ ଅଳକନନ୍ଦାର ଉଦ୍‌ଗମ ସ୍ଥଳରେ ପହଞ୍ଚିଲେ । ଆଗକୁ ରାସ୍ତାର ଚିହ୍ନବର୍ଣ୍ଣ ନ ଥିଲା । ସମ୍ମୁଖରେ ଗଗନଚୁମ୍ବୀ ଅଚଳ ପର୍ବତ ଶିଖର ଦଣ୍ଡାୟମାନ । ଚତୁର୍ଦ୍ଦିଗରେ ନିଘଞ୍ଚ ଜଙ୍ଗଲ । କିଛି ସମୟ ପାଇଁ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆହୋଇରହିଲେ । ତାଙ୍କ ଶରୀର ଉପରେ ଅତି ପତଳା ଅଳ୍ପ ବସ୍ତ୍ର ଥିଲା । ହାଡ଼ ଥରାଇ ଦେଉଥିବା ଶୀତ ପ୍ରତି ଲୋମକୂପରେ ଭରିଯାଉଥିଲା । ଭୋକରେ କରଡ଼ି ଜଳୁଥିଲା ତ ଶୋଷରେ ତଣ୍ଟି ଶୁଖିଯାଉଥିଲା । ତାକୁ ଶମନ କରିବାର କୌଣସି ଉପାୟ ତାଙ୍କୁ ଦେଖାଗଲା ନାହିଁ । ଅତ୍ୟନ୍ତ ଶୀତ କାରଣରୁ ଅଳକନନ୍ଦା ନଦୀର ଜଳର ବହୁ ଭାଗ ଛୋଟ-

ଛୋଟ ବରଫ ଖଣ୍ଡରେ ପରିଣତ ହୋଇଯାଇଥିଲା । ଆଉ ଯାହା ଜଳ ଥିଲା ତାହା ଏତେ ଶୀତଳ ଯେ ପିଇବାକୁ ଚେଷ୍ଟାକଲେ ତଣ୍ଟିରୁ ତଳକୁ ଖସୁନଥିଲା । ଅନନ୍ୟୋପାୟ ହୋଇ ସେ ବରଫ ଖଣ୍ଡଟିଏ ଉଠାଇ ଖାଇଲେ । ସେଥିରେ ଭୋକ କୁଆଡୁ ବା ଶାନ୍ତ ହୁଅନ୍ତା ? ନଦୀର ଆର ପାରିରେ ହୁଏତ ରାସ୍ତା ମିଳିଯାଇପାରେ ଭାବି ନଦୀ ପାର କରିବାକୁ ମନସ୍ଥ କରି ସେ ନଦୀରେ ପଶିଲେ । ନଦୀର ପ୍ରବହମାନ ତୀକ୍ଷ୍ଣ ବରଫଖଣ୍ଡ ଆଘାତରେ ତାଙ୍କ ଗୋଡ଼ କ୍ଷତ-ବିକ୍ଷତ ହୋଇଗଲା । ଜଳ ଅତ୍ୟନ୍ତ ଶୀତଳ ଥିବା କାରଣରୁ ଗୋଡ଼ ଦୁଇଟି କୋଲ ମାରିଗଲା, ଶରୀରର ରକ୍ତ ଜମାଟ ବାନ୍ଧିଗଲା ଭଳି ଲାଗିଲା । ମଝି ନଈରେ ହେଲା ବେଳକୁ ତାଙ୍କୁ ଲାଗିଲା ଯେ ସେ ଆଉ ଆଗକୁ ଯାଇପାରିବେ ନାହିଁ, ସେଇଠି ପଡ଼ିଯିବେ । କିନ୍ତୁ ପରବର୍ତ୍ତୀ କ୍ଷଣରେ ମନରେ ବିଚାର ଆସିଲା ଯେ ଏହି ହିମମୟୀ ଶଯ୍ୟାରେ ଯଦି ଥରେ ପଡ଼ିଯିବେ ଆଉ ଉଠିପାରିବେ ନାହିଁ । ଅତଃ ସେ ସାହସ ଜୁଟାଇଲେ ଏବଂ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ଆଗକୁ ବଢ଼ିବାକୁ ଲାଗିଲେ ଓ କୌଣସିମତେ ନଦୀକୁ ପାର କରିଦେଲେ । କିନ୍ତୁ ଆଉ ଠିଆ ହେବାକୁ ବି ଶକ୍ତି ନ ଥିଲା । କିଛି ସମୟ ପର୍ଯ୍ୟନ୍ତ ଚଳତ୍‌ଶକ୍ତିରହିତ ହୋଇ ଅର୍ଦ୍ଧମୃତ ଅବସ୍ଥାରେ ସେଇଠି ପଡ଼ିରହିଲେ । କିଛି ସମୟ ପରେ ଧୀରେଧୀରେ ଶରୀର ଉପରୁ ବସ୍ତ୍ର ବାହାର କରି ଜଙ୍ଘରୁ ପାଦ ପର୍ଯ୍ୟନ୍ତ ଗୁଡ଼ାଇଦେଲେ ।

ଶକ୍ତିହୀନ ଓ ଭୟଭୀତ ହୋଇ ସହାୟତା ଆଶାରେ ଥିଲେ । କିଛି ସମୟ ପରେ ଦେଖିଲେ ଯେ ଦୁଇ ଜଣ ପାହାଡ଼ୀ ବ୍ୟକ୍ତି ତାଙ୍କ ଆଡ଼କୁ ଆସୁଛନ୍ତି । ସେମାନେ ନିକଟକୁ ଆସି ସଙ୍କଟଗ୍ରସ୍ତ ସନ୍ନ୍ୟାସୀଙ୍କୁ ପ୍ରଣାମ କରି ଭୋଜନ ପାଇଁ ଗୃହକୁ ନିମନ୍ତ୍ରଣ କଲେ । ସ୍ୱାମୀଜୀଙ୍କ ଠାରୁ ସବୁ ବୃତ୍ତାନ୍ତ ଶୁଣି ଭୋଜନ ପରେ ସିଦ୍ଧପତ ତୀର୍ଥ ପର୍ଯ୍ୟନ୍ତ ପହଞ୍ଚାଇଦେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଲେ । କିନ୍ତୁ ଶାରୀରିକ ଅକ୍ଷମତା ଯୋଗୁଁ ସ୍ୱାମୀଜୀ ସେମାନଙ୍କ ନିମନ୍ତ୍ରଣ ରକ୍ଷା କରିପାରିଲେ ନାହିଁ । ସେ ଦୁଇ ପାହାଡ଼ୀ ବ୍ୟକ୍ତି ଚାଲିଗଲେ । ଏତେ ଦିନ ଧରି ହିମାଳୟର ଏତେ କଷ୍ଟସାଧ୍ୟ ଯାତ୍ରା ତାଙ୍କର ପ୍ରୟୋଜନ ସିଦ୍ଧ କଲା ନାହିଁ । ସମ୍ଭବତଃ ଏ ମୁହୂର୍ତ୍ତ ତାଙ୍କ ଜୀବନର ଅତ୍ୟନ୍ତ ନିରାଶାଯୁକ୍ତ ଓ ଅବସାଦପୂର୍ଣ୍ଣ କ୍ଷଣ ଥିଲା । ମୁହୂର୍ତ୍ତକ ପାଇଁ ତାଙ୍କ ମନରେ ଆସିଲା ଯେ ଏଇଠି ମରିଗଲେ ଭଲ ହୁଅନ୍ତା । କିନ୍ତୁ ଦୟାନନ୍ଦଙ୍କ ଭଳି ମନସ୍ୱୀ ଓ ଆଶାବାଦୀ ବ୍ୟକ୍ତିଙ୍କ ପାଇଁ ଏ ନିରାଶା କ୍ଷଣିକ ହିଁ ଥିଲା । ପର ମୁହୂର୍ତ୍ତରେ ହିଁ ମନରେ ଭାବନା ଜାଗିଲା ଯେ ଏଭଳି ଭାବେ ମରିଯିବା ଜୀବନର ଉଦ୍ଦେଶ୍ୟ ନୁହେଁ । ଯେଉଁ ସତ୍ୟ ଜ୍ଞାନ ଅର୍ଜନ ପାଇଁ ଘରୁ ବାହାରିଛି ତାହା ପ୍ରାପ୍ତ କରି ହିଁ ଶରୀର ତ୍ୟାଗ କରିବା ଉଚିତ । ଜ୍ଞାନାର୍ଜନ କରି ପରୋପକାର କରିବାରେ ହିଁ ଜୀବନର ସଫଳତା । ଏ ଭାବନା ଉଠିବା ସହ ଆତ୍ମବିଶ୍ୱାସ, ଉତ୍ସାହ ପୁନଃ ଜାଗ୍ରତ ହେଲା । କିଛି ସମୟ ପରେ ଧୀରେଧୀରେ ନଦୀ କୂଳ ରାସ୍ତାରେ ମାନା ଗ୍ରାମ ପାର୍ଶ୍ୱ ଦେଇ ଆଗେଇ ଚାଲିଲେ । ରାତି ପ୍ରାୟ ଆଠଟା ବେଳକୁ ବଦ୍ରିନାଥ ମନ୍ଦିରରେ ପହଞ୍ଚିଗଲେ । ସ୍ୱଳ୍ପ ଭୋଜନ କରି ଶୟନ କଲେ । ପରଦିନ ସକାଳେ ରାୱଲଜୀଙ୍କଠାରୁ ବିଦାୟ ନେଇ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ଦିଗରେ ଆଗେଇଲେ ।

## ଗ୍ରନ୍ଥର ସତ୍ୟତା ପରୀକ୍ଷା

ବଦ୍ରିନାଥରୁ ସ୍ୱାମୀଜୀ ରାମପୁର ଗଲେ । ଉତ୍ତରାଖଣ୍ଡରେ ପ୍ରୟୋଜନ ସିଦ୍ଧ ନ ହେବା ଦେଖି ପାର୍ବତ୍ୟ ପ୍ରଦେଶରୁ ସମତଳ ଅଞ୍ଚଳରେ ପ୍ରବେଶ କଲେ । ରାମପୁରରୁ କାଶୀପୁର ଦେଇ ଦ୍ରୋଣସାଗରରେ ପହଞ୍ଚିଲେ ଓ ସେଠାରେ ଶୀତ ଋତୁ ଅତିବାହିତ କଲେ । ସେଠାରୁ ମୁରାଦାବାଦ ଓ ସମ୍ଭଲ ହୋଇ ଗଡ଼ମୁକ୍ତେଶ୍ୱର ଆସି ଗଙ୍ଗାଘାଟରେ ପହଞ୍ଚିଲେ । ଏଣିକି ଗଙ୍ଗା ତଟବର୍ତ୍ତୀ ଅଞ୍ଚଳରେ ତାଙ୍କ ଭ୍ରମଣ ଚାଲିଲା । ସେତେବେଳେ ତାଙ୍କ ପାଖରେ ହଠଯୋଗ ସମ୍ବନ୍ଧୀୟ କେତେକ ପୁସ୍ତକ ଥିଲା ।

ଏଥିରେ ପ୍ରଦତ୍ତ ସାଧନା ପଦ୍ଧତି ଓ ପାତଞ୍ଜଳ ଯୋଗର ସାଧନା ପଦ୍ଧତି ମଧ୍ୟରେ ମୌଳିକ ଭେଦ ରହିଛି । ମହର୍ଷି ପତଞ୍ଜଳିଙ୍କ ପ୍ରଦର୍ଶିତ ଯୋଗରେ ଯମ-ନିୟମ ଆଦି ଯୋଗର ଆଠ ଅଙ୍ଗର ଅନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରାଯାଇଛି । ହଠଯୋଗରେ ବିବିଧ ଶାରୀରିକ ଓ ମାନସିକ କ୍ରିୟା ସମ୍ବଳିତ ରହସ୍ୟପୂର୍ଣ୍ଣ ସାଧନା ପଦ୍ଧତି ଦିଆଯାଇଛି । ହଠଯୋଗ ସମ୍ବନ୍ଧୀୟ ଅନେକ ପୁସ୍ତକରେ ନାଡ଼ୀ-ଚକ୍ର ସମ୍ପର୍କରେ ବିସ୍ତୃତ ଓ ଜଟିଳ ବର୍ଣ୍ଣନା ସେ ପଢ଼ିଥିଲେ । କିନ୍ତୁ ଏସବୁ ବର୍ଣ୍ଣନା କେତେଦୂର ଠିକ୍ ତାହା ବହୁ ଯୋଗୀଙ୍କୁ ପଚାରି ସୁଦ୍ଧା କାହାରି ଦ୍ୱାରା ତାଙ୍କ ସନ୍ଦେହ ନିବୃତ୍ତି ହୋଇପାରିନଥିଲା । ତେଣୁ ଏହାର ସତ୍ୟତା କିପରି ଜାଣିହେବ ସେ ବିଚାର ତାଙ୍କ ମନରେ ଥିଲା ।

ଗଙ୍ଗା ତଟରେ ଭ୍ରମଣ କରୁଥିବା ସମୟରେ ସଂଯୋଗବଶତଃ ଦିନେ ଗଙ୍ଗାରେ ଭାସିଯାଉଥିବା ଏକ ଶବ ଉପରେ ତାଙ୍କ ଦୃଷ୍ଟି ପଡ଼ିଲା । ସଂଶୟ ନିବାରଣର ଏହା ଉତ୍ତମ ଅବସର ଜାଣି ସେ ପରୀକ୍ଷା କରିବାକୁ ଉଦ୍ୟତ ହେଲେ । ପୁସ୍ତକ ଆଦିକୁ କୂଳରେ ରଖି ସେ ଗଙ୍ଗା ବକ୍ଷକୁ ଲମ୍ଫ ଦେଲେ । ଶବକୁ ଟାଣିଟାଣି କୂଳକୁ ଆଣିଲେ । ଏକ ତୀକ୍ଷ୍ଣ ଛୁରୀରେ ଆବଶ୍ୟକତାନୁସାରେ ସଯତ୍ନରେ ଶବକୁ ଚିରିବା ଆରମ୍ଭ କଲେ । ଶରୀରର ନାଭି, ହୃଦୟ, କଣ୍ଠ, ମସ୍ତିଷ୍କ ଆଦି ସ୍ଥାନରେ ନାଡ଼ି-ଚକ୍ର ବିଷୟକ ଯେଉଁଭଳି ବର୍ଣ୍ଣନା ପୁସ୍ତକରେ ଥିଲା ତାହା ସହ ଶବର ତତ୍-ତତ୍ ସ୍ଥାନକୁ ମିଳାଇ ଦେଖିଲେ । କିନ୍ତୁ ଶରୀରର ବାସ୍ତବିକତା ସହ ପୁସ୍ତକର ବର୍ଣ୍ଣନା ଲେଶ ମାତ୍ର ମେଳ ଖାଉ ନ ଥିବାରୁ ସେ ଶବ ସହ ସେହି ପୁସ୍ତକଗୁଡ଼ିକୁ ମଧ୍ୟ ଚିରି ଫୋପାଡ଼ିଦେଲେ ।

ସତ୍ୟକୁ ଜାଣିବା ଓ ସତ୍ୟକୁ ହିଁ ସ୍ୱୀକାର କରିବା ପାଇଁ ଦୟାନନ୍ଦଙ୍କ ଭିତରେ କେତେ ତୀବ୍ର ଆକାଂକ୍ଷା ଓ ପ୍ରବଳ ଉଦ୍ଦୀପନା ଥିଲା ତାହା ଏସବୁ ଘଟଣାରୁ ଜଣାଯାଏ । ଶିବଲିଙ୍ଗଟି ବାସ୍ତବିକ ଶିବ ନୁହେଁ ବୋଲି ଶିବରାତ୍ରିର ରାତିରେ ଜାଣିବା ମାତ୍ରେ ଅନେକ ବର୍ଷ ଧରି କରିଆସୁଥିବା ମୂର୍ତ୍ତିପୂଜା ପ୍ରତି ଯେପରି ତାଙ୍କ ଆସ୍ଥା-ବିଶ୍ୱାସ ସମାପ୍ତ ହୋଇଯାଇଥିଲା ଓ ସେ ତତ୍କ୍ଷଣାତ୍ ତାହା ପରିତ୍ୟାଗ କରିଦେଇଥିଲେ, ପ୍ରତୀକ-ଉପାସନାର ଆଳଂକାରିକ-ଆପାତମନୋରମ ବ୍ୟାଖ୍ୟା କରି ପିତା ବାଆଁରେଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାହା ତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା; ସେହିପରି ମାନବଶରୀରକୁ ଚିରିବା ଭଳି ଜୁଗୁପ୍ସାଜନକ କାର୍ଯ୍ୟ ମଧ୍ୟ କରି ସେଥିରେ ହଠଯୋଗରେ ବର୍ଣ୍ଣିତ ନାଡ଼ିଚକ୍ରର ଅସ୍ତିତ୍ୱ ନ ଦେଖି ଏହି ଯୋଗପଦ୍ଧତିରେ ଯେ ଆତ୍ମାର କଲ୍ୟାଣ ସାଧନ ହେବ, ମୁକ୍ତି ମିଳିବ, ଯାହାକି ତାଙ୍କର କାମ୍ୟ, ତାଙ୍କର ସେ ବିଶ୍ୱାସ ତୁଟିଗଲା । ଏଣୁ ଏ ପୁସ୍ତକଗୁଡ଼ିକ ମିଥ୍ୟା ଓ ଭ୍ରମ-ଉତ୍ପାଦକ, ସୁତରାଂ ଜନସାଧାରଣଙ୍କୁ ଭୁଲ୍ ପଥରେ ପରିଚାଳିତ କରି ଆତ୍ମାକୁ ଲକ୍ଷ୍ୟରୁ ଦୂରେଇ ନେବ ବୋଲି ବିଚାର କରି ସେସବୁକୁ ଚିରି ଫୋପାଡ଼ିଦେଲେ । ସତ୍ୟ ନିମନ୍ତେ ତୀବ୍ର ଅନୁସନ୍ଧିତ୍ସା ଓ ପ୍ରଗାଢ଼ ଅନୁରକ୍ତି ଥିବା ବ୍ୟକ୍ତି ହିଁ ଏପରି କରିପାରେ । ଧର୍ମ ଓ ଅଧ୍ୟାତ୍ମର ସାଧନାପଦ୍ଧତି କିଭଳି ଜଟିଳ, ବୀଭତ୍ସ ଓ ନିରର୍ଥକ କୃତ୍ୟର ସମାହାର ହୋଇଯାଇଥିଲା ସେ ଅନୁଭୂତି ହେବାରୁ ସେସବୁକୁ ଅବିଳମ୍ବେ ପରିତ୍ୟାଗ କରିବାକୁ ଆଦୌ ପଶ୍ଚାତ୍ପଦ ହେଲେ ନାହିଁ । ଧୀରେ-ଧୀରେ ତାଙ୍କର ଦୃଢ଼ ଧାରଣା ହୋଇଚାଲିଲା ଯେ ବେଦ, ଉପନିଷଦ, ସାଂଖ୍ୟ ଓ ପାତଞ୍ଜଳ-ଯୋଗ ଆଦି ଦର୍ଶନରେ ବର୍ଣ୍ଣିତ ତଥ୍ୟ ଓ ସାଧନାପଦ୍ଧତି ଅବଲମ୍ବନରେ ହିଁ ଆତ୍ମାର ଯଥାର୍ଥ କଲ୍ୟାଣ ସମ୍ଭବ; ହଠଯୋଗ ଆଦି ଦ୍ୱାରା ନୁହେଁ ।

## ନିର୍ଭୀକ ଦୟାନନ୍ଦ ନର୍ମଦା ନଦୀକୂଳ ଘନ ଜଙ୍ଗଲରେ

ସ୍ୱାମୀଜୀ ଯାତ୍ରାରେ ପୁଣି ଆଗକୁ ବଢ଼ିଲେ । ଗଙ୍ଗା କୂଳେକୂଳେ ବିଚରଣ କରିକରି ସେ ଫରୁଖାବାଦରେ ପହଞ୍ଚିଲେ ଏବଂ ସେଠାରୁ ଶୃଙ୍ଗୀରାମପୁର ହୋଇ

୧୮୫୬ ଅପ୍ରେଲ ବେଳକୁ କାନପୁରରେ ପହଞ୍ଚିଲେ । ପରବର୍ତ୍ତୀ ପାଞ୍ଚ ମାସ ସେ କାନପୁର ଓ ପ୍ରୟାଗର ମଧ୍ୟବର୍ତ୍ତୀ ଅଞ୍ଚଳରେ ଭ୍ରମଣରେ ବିତାଇଲେ । ସେଠାରୁ ମିର୍ଜାପୁର ବାଟ ଦେଇ ସେପ୍ଟେମ୍ବର ମାସରେ କାଶୀରେ ପହଞ୍ଚିଲେ । ଏହା ତାଙ୍କର ପ୍ରଥମ କାଶୀ ଯାତ୍ରା ଥିଲା । ବରୁଣା ଓ ଗଙ୍ଗାର ସଙ୍ଗମରେ ସ୍ଥିତ ଏକ ଗୁମ୍ଫାରେ ସେ ରହିଲେ । ବାର ଦିନର ଏଠାକାର ରହଣୀ କାଳ ମଧ୍ୟରେ ପଣ୍ଡିତ କାକାରାମ ଶାସ୍ତ୍ରୀ, ପଣ୍ଡିତ ରାଜାରାମ ଶାସ୍ତ୍ରୀ ପ୍ରମୁଖ ପ୍ରସିଦ୍ଧ ଦାକ୍ଷିଣାତ୍ୟ ପଣ୍ଡିତଙ୍କ ସହ ତାଙ୍କର ସାକ୍ଷାତ ହେଲା । କିନ୍ତୁ ଯେଉଁ ସଚ୍ଚା ଯୋଗୀ-ତପସ୍ୱୀ-ସନ୍ନ୍ୟାସୀଙ୍କ ଅନ୍ୱେଷଣରେ ସେ ଭ୍ରମଣ କରୁଥିଲେ ତାହା ସେଠାରେ ପୂର୍ଣ୍ଣ ହେଲା ନାହିଁ । ତେଣୁ ସେ ସେଠାରୁ ଚୁନାର ଚାଲିଗଲେ । ଏସବୁ ସ୍ଥାନରେ ରହଣୀ କାଳରେ ତାଙ୍କର ଯୋଗାଭ୍ୟାସ ନିରନ୍ତର ଚାଲିଥିଲା । ଏ ସମୟରେ ସେ ଅନ୍ନଭୋଜନ ପୂର୍ଣ୍ଣତଃ ପରିତ୍ୟାଗ କରିଦେଇଥିଲେ ଓ କେବଳ ଦୁଗ୍ଧାହାର କରି ଜୀବନ ନିର୍ବାହ କରୁଥିଲେ ।

ଗଙ୍ଗାତଟବର୍ତ୍ତୀ ଅଞ୍ଚଳରେ ଭ୍ରମଣ ପରେ ନର୍ମଦା ନଦୀର ଉଦ୍‌ଗମ ସ୍ଥଳ ଅଡ଼କୁ ଯୋଗୀ ଅନ୍ୱେଷଣରେ ସେ ଯାତ୍ରା କଲେ । ଏହି ଯାତ୍ରାରେ ଥରେ ହେଲେ କାହାରିକୁ ରାସ୍ତା ନ ପଚାରି ଦକ୍ଷିଣ ଦିଗକୁ ଅଗ୍ରସର ହେବାକୁ ଲାଗିଲେ । ଏଥିରେ ତାଙ୍କୁ କେତେ ଯେ ବିଷମ ପରିସ୍ଥିତିର, ଭୀଷଣ ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିଲା । ଥରକର କଥା । ରାସ୍ତା ଦୁର୍ଗମ ଥିଲା । ଶୀଘ୍ର ହିଁ ଏକ ଘନ ଜଙ୍ଗଲରେ ସେ ପହଞ୍ଚିଲେ ଯେଉଁଠି ଠାଏ-ଠାଏ ଅଳ୍ପ କେତୋଟି ମାତ୍ର ପର୍ଣ୍ଣକୁଟୀର ଥିଲା । ଗୋଟିଏ କୁଟୀରରେ ଅଳ୍ପ ଦୁଗ୍ଧ ପାନ କରି ସେ ଆଗକୁ ଚାଲିଲେ । କିଛି ଦୂର ପର୍ଯ୍ୟନ୍ତ ସରୁ ପାଦଚଲା ରାସ୍ତା ଥିଲା । ଆଗକୁ-ଆଗକୁ ତା'ର ବି ଚିହ୍ନ-ବର୍ଣ୍ଣ ନ ଥିଲା । ଏଣୁ କୁଆଡ଼େ ଯିବା ଉଚିତ ହେବ ବୋଲି ଭାବୁଛନ୍ତି ସାମ୍ନାରୁ ଗୋଟିଏ ବିରାଟ କଳା ଭାଲୁ ଦୌଡ଼ି ଆସୁଥିବାର ଦେଖିବାକୁ ପାଇଲେ । ଭାଲୁ ସ୍ୱାମୀଜୀଙ୍କ ଠାରୁ କିଛି ଦୂରରେ ପଛ ଦୁଇ ଗୋଡ଼ରେ ଠିଆ ହୋଇ ଭୟଙ୍କର ଗର୍ଜନ କଲା । ତାହା ଦେଖି ସ୍ୱାମୀଜୀ ପ୍ରଥମେ କିଛି କ୍ଷଣ ପାଇଁ ତ ସ୍ତବ୍ଧ ହୋଇଗଲେ । ତା' ପରେ ଭାଲୁ ଆଁ କରି ଆକ୍ରମଣ କରିବାକୁ ଉଦ୍ୟତ ହେବା ଦେଖି ସେ ତତ୍‌କ୍ଷଣାତ୍ ବଡ଼ ସ୍ଫୂର୍ତ୍ତି ସହକାରେ ନିଜର ଲାଠି ଯେମିତି ଉଞ୍ଚାଇଛନ୍ତି ଭାଲୁ ଭୟଭୀତ ହୋଇ ଚାଲିଗଲା । ଭାଲୁର ଗର୍ଜନ ଏତେ ତୀବ୍ର ଥିଲା ଯେ ତାହା ଶୁଣି ସେ ପାହାଡ଼ ପାଖରେ ରହୁଥିବା ଲୋକେ ସେମାନଙ୍କ ଶିକାରୀ କୁକୁରଗୁଡ଼ିକୁ ଧରି ଆସି ପହଞ୍ଚିଲେ । ସେହି ଶ୍ୱାପଦସଂକୁଳ ଘନ ଅରଣ୍ୟରେ ନ ପଶି ବସ୍ତିକୁ ଫେରିଯିବା ପାଇଁ ସେମାନେ ସ୍ୱାମୀଜୀଙ୍କୁ ଅନୁରୋଧ କଲେ । କିନ୍ତୁ ନିର୍ଭୀକ ସନ୍ନ୍ୟାସୀ ସେମାନଙ୍କୁ ବିନମ୍ରତା ସହକାରେ ଫେରାଇ ଦେଇ ପୂର୍ବବତ୍ ଆଗକୁ ବଢ଼ିଚାଲିଲେ ।

ଆଗକୁ ମାର୍ଗ ଅତ୍ୟନ୍ତ ଦୁରୂହ ଥିଲା । କିଛି ଘଣ୍ଟାର ଯାତ୍ରା ପରେ ସେ ନିବିଡ଼ ଅରଣ୍ୟରେ ପହଞ୍ଚିଗଲେ । ବିରାଟକାୟ ବୃକ୍ଷଗୁଡ଼ିକର ଛାଇରେ ଆଚ୍ଛାଦିତ ସମଗ୍ର ବନପ୍ରଦେଶ । ଦିନରେ ବି ରାତିର ଭ୍ରମ ଉତ୍ପନ୍ନ ହେଉଥିଲା । ତଳେ ଛନ୍ଦାଛନ୍ଦି ହୋଇ ଗହଳିଆ ଜଙ୍ଗଲୀ ଘାସ ଓ ମୁନିଆ କଣ୍ଟାରେ ପୂର୍ଣ୍ଣ ବୁଦା । କୁଆଡ଼େ ବି ରାସ୍ତାର ଚିହ୍ନବର୍ଣ୍ଣ ନାହିଁ । କଣ୍ଟାଳିଆ ବୁଦାଗୁଡ଼ିକ ଏତେ ଘଞ୍ଚ ଓ ଛନ୍ଦାଛନ୍ଦି ହୋଇ ରହିଥିଲା ଯେ ସିଧା ହୋଇ ଚାଲିଚାଲି ପାଦେ ଆଗକୁ ବଢ଼ିବା ବି ଅସମ୍ଭବ ପ୍ରତୀତ ହେଉଥିଲା । କିନ୍ତୁ ସ୍ୱ ବିଚାରରେ ଦୃଢ଼ ଏ ସାଧୁ ବି ତ ଅପରାଜେୟ ଥିଲେ । ସମସ୍ୟାରୁ ପଳାୟନ ତାଙ୍କ ଜାତକରେ ନ ଥିଲା । ସମଗ୍ର ଜୀବନ ସମସ୍ୟା ସହ ସଂଘର୍ଷ କରିବା ତାଙ୍କ କାର୍ଯ୍ୟ ଥିଲା । ସୁତରାଂ ସିଏ ସାପ ପରି ଘୁଷୁରିଘୁଷୁରି ଆଗକୁ ବଢ଼ିଲେ । କଣ୍ଟାବୁଦାରେ ଲାଗି ବସ୍ତ୍ର ଚିରିଫାଟି ଗଲା । ଶରୀରରେ ଲଙ୍ଗୋଟ ବ୍ୟତୀତ ଆଉ କିଛି ବଳକା ରହିଲା ନାହିଁ । କଣ୍ଟାର ତୀକ୍ଷ୍ଣ ମୁନରେ

ସାରା ଦେହ ଆଞ୍ଚୁଡ଼ି ହୋଇ ରକ୍ତ ଝରିବାକୁ ଲାଗିଲା; କିନ୍ତୁ ସେ ଅଟକିଲେ ନାହିଁ । ଅନ୍ତତଃ ସେହି ଘନ ଘୋର ଜଙ୍ଗଲ ପାର ହୋଇ ସେ ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିଲେ । କିନ୍ତୁ ସେତେବେଳକୁ ରାତି ହୋଇଆସୁଥିଲା । ଏଣେ ଅନ୍ଧକାରକୁ ତେଣେ ରାସ୍ତାର କୌଣସି ଠିକଣା ନ ଥିଲା । ଯେନତେନ ପ୍ରକାରେ କିଛି ଆଗକୁ ଯିବା ପରେ ସରୁ ପାଦଚଲା ରାସ୍ତାଟିଏ ଦେଖାଗଲା । ସେହି ରାସ୍ତାରେ ସେ ଆଗକୁ ବଢ଼ିଲେ । କିଛି ଦୂର ଯିବା ପରେ ତାଙ୍କୁ ମିଞ୍ଜିମିଞ୍ଜି ଆଲୁଅ ଦେଖାଗଲା । ଚତୁର୍ଦ୍ଦିଗ ପାହାଡ଼-ପର୍ବତ ଘେରା ସେ ସ୍ଥାନରେ କଳକଳ ନାଦରେ ବହିଯାଉଥିବା ଝରଣା କୂଳରେ ପାହାଡ଼ୀ ବସ୍ତିଟିଏ ଥିଲା । ସେ ବସ୍ତି ବାହାରେ ଏକ ବୃକ୍ଷମୂଳେ ସ୍ୱାମୀଜୀ ବିଶ୍ରାମ ନେଲେ । ଧୂଆଧୋଇ ହୋଇ ସନ୍ଧ୍ୟୋପାସନା କଲେ । ବସ୍ତିର ଲୋକେ ଭୋଜନ ପାଇଁ ନିମନ୍ତ୍ରଣ କଲେ । ସେ ମନାକରିବାରୁ ସନ୍ନ୍ୟାସୀ କେବଳ ଦୁଗ୍ଧାହାର କରୁଛନ୍ତି ବୋଲି ଜାଣିବା ପରେ ତାଙ୍କ କମଣ୍ଡଳୁ ଦୁଗ୍ଧରେ ପୂର୍ଣ୍ଣ କରିଦେଲେ ତଥା ରାତିରେ ତାଙ୍କ ସୁରକ୍ଷାର ସମୁଚିତ ବ୍ୟବସ୍ଥା କଲେ । ସ୍ୱାମୀଜୀ ସେଥିରୁ ଅଳ୍ପ ଦୁଗ୍ଧ ପାନ କରି ଶୋଇଗଲେ । ପରଦିନ ପ୍ରାତଃକାଳରେ ସନ୍ଧ୍ୟୋପାସନାଦି ସାରି ସେ ଆଗକୁ ରାସ୍ତା ଧରିଲେ । ଏହା ୧୮୫୭ର ପ୍ରଥମାର୍ଦ୍ଧର କଥା ।

## ବଳି ଦେବା ପାଇଁ ପାର୍ବତ୍ୟ ଦେବୀଭକ୍ତଙ୍କ ଅତି ଭକ୍ତି

ଏପରି ଏକାକୀ ଭ୍ରମଣ କାଳରେ ସ୍ୱାମିଜୀ ବିବିଧ ପ୍ରକାର ବିପତ୍ତିର ସମ୍ମୁଖୀନ ହୋଇଛନ୍ତି, ଅନେକ ଥର ମୃତ୍ୟୁ ମୁଖରୁ ଅଳ୍ପକେ ରକ୍ଷାପାଇଛନ୍ତି । ଥରେ ସେ ଦୀର୍ଘଦିନ ନିରନ୍ତର ଭ୍ରମଣରେ ନିବିଡ଼ ଅରଣ୍ୟ ଭିତର ଦେଇ ଚାଲି-ଚାଲି କ୍ଷତ-ବିକ୍ଷତ ପାଦରେ କ୍ଳାନ୍ତ-ଶ୍ରାନ୍ତ ଅବସ୍ଥାରେ ପାହାଡ଼-ପର୍ବତ ପରିବେଷ୍ଟନୀରେ ଅବସ୍ଥିତ ଏକ ପଲ୍ଲୀରେ ପହଞ୍ଚିଲେ । ସେଠାକାର ନିବାସୀଗଣ ଶାକ୍ତ ଥିଲେ । ସେମାନେ ତାଙ୍କର ବହୁତ ସେବା-ଶୁଶ୍ରୂଷା କଲେ । ଆପଣ ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଏଠାରେ ଅବସ୍ଥାନ କରନ୍ତୁ ବୋଲି ସେମାନେ ନିବେଦନ କରିବାରୁ ସ୍ୱାମିଜୀ କିଛି ଦିନ ସେଠାରେ ରହିଲେ । ତା’ ପରେ ସ୍ୱାମିଜୀ ସେଠାରୁ ଯିବାକୁ ବାହାରିବାରୁ ସେମାନେ ଆଉ ଅଳ୍ପ କିଛି ଦିନ ରହିଯିବା ପାଇଁ ବଡ଼ ବିନମ୍ରତା ସହକାରେ ପ୍ରାର୍ଥନା କଲେ । ସେମାନଙ୍କ ସେବା-ଭାବନା ଓ ଶ୍ରଦ୍ଧା-ଭକ୍ତି ଦେଖି ସ୍ୱାମିଜୀ ମନା କରିନପାରି ଆଉ କିଛି ଦିନ ଅଟକି ଗଲେ । ସେ ଭିତରେ ସେମାନଙ୍କ ପର୍ବ ଦିନ ଆସିଲା । ସେହି ଦିନ ସେମାନେ ସମସ୍ତେ ବସ୍ତିଠାରୁ ଦୂରରେ ଏକ ନିକାଞ୍ଚନ ସ୍ଥାନରେ ଥିବା ସେମାନଙ୍କ ଦେବୀ ମନ୍ଦିରରେ ଏକତ୍ରିତ ହୋଇ ଗୀତ-ବାଦ୍ୟରେ ଉତ୍ସବ ପାଳିବାକୁ ଲାଗିଲେ । ମନ୍ଦିରକୁ ଯାଇ ଉତ୍ସବରେ ସମ୍ମିଳିତ ହେବା ପାଇଁ ସେମାନେ ସ୍ୱାମିଜୀଙ୍କୁ ମଧ୍ୟ ପ୍ରାର୍ଥନା କଲେ । ସ୍ୱାମିଜୀ ସେମାନଙ୍କୁ ବହୁତ ବୁଝାଇଲେ ଯେ ଏସବୁ ଦେବାଦେବୀ ପୂଜାପାଠରେ ମୋର ଆଦୌ ବିଶ୍ୱାସ ନାହିଁ । କିନ୍ତୁ ସେମାନେ ନଛୋଡ଼ବନ୍ଧା । ଆପଣ ମୂର୍ତ୍ତିକୁ ପ୍ରଣାମ ନ କରନ୍ତୁ ପଛକେ ଆଜିର ଉତ୍ସବରେ ଆପଣ ଆମ ସଙ୍ଗରେ ଯୋଗ ନ ଦେଲେ ଆମର ସବୁ ଉତ୍ସାହ, ଆୟୋଜନ ପାଣି ଫାଟିଯିବ ବୋଲି କହି ସେମାନେ ସ୍ୱାମିଜୀଙ୍କ ଗୋଡ଼ ଧରି ବାରମ୍ବାର ନେହୁରା ହେଲେ । ସେମାନଙ୍କର ଆତିଥ୍ୟ ଓ ସେବା-ଶୁଶ୍ରୂଷା ପାଇଥିବାରୁ ଅଗତ୍ୟା ସ୍ୱାମିଜୀ ସେମାନଙ୍କ ସାଙ୍ଗରେ ଚାଲିଲେ ।

ମନ୍ଦିରରେ ପହଞ୍ଚିଲା ବେଳକୁ ପ୍ରାଙ୍ଗଣରେ ହୋମ ଚାଲିଥିଲା । କିଛି ଲୋକ ଉତ୍ସବର ବିବିଧ ବ୍ୟବସ୍ଥାରେ ବ୍ୟସ୍ତ ଥିଲେ । ମନ୍ଦିର ଭିତରକୁ ଯାଇ ମୂର୍ତ୍ତିକୁ ଥରେ ଦେଖି ଆସିବା ପାଇଁ ପ୍ରମୁଖ ବ୍ୟକ୍ତିମାନେ ତାଙ୍କୁ ଅନୁରୋଧ କଲେ । ଅତ୍ୟଧିକ ଆଗ୍ରହ କରିବାରୁ ଭିତରେ କି ପ୍ରକାର ପୂଜା-ପାଠ ଚାଲିଛି ଥରେ ଦେଖିଆସିବା ପାଇଁ ସ୍ୱାମିଜୀ ମନ୍ଦିର ଭିତରକୁ ଗଲେ ଓ ଦୁର୍ଗା ମୂର୍ତ୍ତି ଆଗରେ ସହଜ

ଭାବରେ ଠିଆ ହେଲେ । ମୂର୍ତ୍ତି ପାର୍ଶ୍ୱରେ ଜଣେ ବିରାଟକାୟ ବଳିଷ୍ଠ ବ୍ୟକ୍ତି ଚକ୍‌ଚକ୍ କରୁଥିବା ଧାରୁଆ ଖଣ୍ଡା ଧରି ଠିଆ ହୋଇଥିବାର ଦେଖିବାକୁ ପାଇଲେ । ସାଙ୍ଗରେ ଆସିଥିବା ଲୋକମାନେ କହିଲେ, "ଥରଟିଏ ମୁଣ୍ଡନୂଆଇଁ ମାଆଙ୍କୁ ପ୍ରଣାମ କରନ୍ତୁ ।" ସ୍ୱାମିଜୀ ଦୃଢ଼ତାପୂର୍ବକ ଉତ୍ତର ଦେଲେ — "ମୁଁ ପୂର୍ବରୁ ହିଁ ଆପଣମାନଙ୍କୁ କହିଛି ଯେ ଏସବୁ କାଠ-ପଥର ମୂର୍ତ୍ତିକୁ ମୁଁ ଈଶ୍ୱର ବୋଲି ମାନେନାହିଁ, ଏସବୁର ପୂଜା କରେନାହିଁ । ତେଣୁ ମୋଠାରୁ ଏସବୁ ଆଶାକରିବା ବୃଥା ।" ଏକଥା ଶୁଣି ପୂଜାରୀ କ୍ରୋଧିତ ହୋଇଗଲା । ସିଏ ଆସି ସ୍ୱାମିଜୀଙ୍କ ବେକକୁ ଦୃଢ଼ ଭାବେ ଧରି ପୂରା ଶକ୍ତି ଲଗାଇ ମୂର୍ତ୍ତି ଆଗରେ ନୂଆଁଇବାକୁ ଚେଷ୍ଟାକଲା । କିନ୍ତୁ ସିଏ ସେହି ବଜ୍ରଦେହୀଙ୍କ ବେକକୁ ଟିକିଏ ବି ବଙ୍କାଇ ପାରିଲା ନାହିଁ । ତାଙ୍କର ଏହି ବ୍ୟବହାରରେ ସ୍ୱାମିଜୀ ଆଶ୍ଚର୍ଯ୍ୟ ହୋଇଗଲେ ଓ ପାର୍ଶ୍ୱକୁ ଦୃଷ୍ଟିପାତ କଲେ ତ ଦେଖିଲେ ଯେ ସେହି ଖଡ୍‌ଗଧାରୀ ଲୋକ ତାଙ୍କ ବେକ ଉପରେ ଖଡ୍‌ଗ ପ୍ରହାର କରିବାକୁ ଯାଉଛି । ସିଏ ତୁରନ୍ତ ବୁଝିଗଲେ ଯେ ତାଙ୍କୁ ବଳି ଦେବା ପାଇଁ ଯୋଜନାପୂର୍ବକ ବ୍ୟବସ୍ଥା ହୋଇଛି । ସିଏ ଆଦୌ ଡରିଗଲେ ନାହିଁ କି ଘାବରେଇଗଲେ ନାହିଁ । ସିଏ ସିଂହ ଭଳି ସ୍ଫୂର୍ତ୍ତିରେ ନିମିଷକ ମଧ୍ୟରେ ସେ ଘାତକକୁ ଧକ୍କା ମାରି ତା' ହାତରୁ ଖଡ୍‌ଗ ଛଡ଼ାଇ ନେଲେ ଓ ସେ ପୂଜାରୀକୁ ବାଆଁ ହାତରେ ଧକ୍କା ଦେଲେ ଯେ ସିଏ ଯାଇ କାନ୍ଥରେ ପିଟିହେଲା । ସାଙ୍ଗରେ ଥିବା ଅନ୍ୟମାନେ ତାଙ୍କୁ କାବୁ କରିବାକୁ ଚେଷ୍ଟାକରିବାରୁ ସମସ୍ତଙ୍କୁ ଏପରି ଛିଞ୍ଚାଡ଼ି ଦେଲେ ଯେ ଯିଏ ଯୁଆଡ଼େ ଯାଇ ପଡ଼ିଲେ । ତା' ପରେ ସିଏ ହାତରେ ସେଇ ତରବାରି ଧରି ତୁରନ୍ତ ମନ୍ଦିର ଭିତରୁ ପ୍ରାଙ୍ଗଣକୁ ବାହାରି ଆସିଲେ । ପ୍ରାଙ୍ଗଣରେ ଥିବା ସମସ୍ତେ କାତି, କୁରାଢ଼ି, ଛୁରୀ, ପନିକି ଆଦି ଯାହା ହାତରେ ଯାହା ପଡ଼ିଲା ତାହା ଧରି ତାଙ୍କ ଉପରେ ଆକ୍ରମଣ କରିବାକୁ ଦୌଡ଼ି ଆସିଲେ । ସିଏ ଦ୍ୱାର ଆଡ଼କୁ ଦୌଡ଼ିଲେ ତ ଦେଖିଲେ ଯେ କବାଟ ବନ୍ଦ କରି ତାଲା ପକାଇ ଦିଆଯାଇଛି । ସେ ପୂରା ଶକ୍ତି ଲଗାଇ ଡିଆଁ ମାରି କାନ୍ଥ ଉପରେ ଚଢ଼ିଗଲେ ଓ କନ୍ଥ ଡେଇଁ ଏକା ନିଃଶ୍ୱାସରେ ଦୌଡ଼ି ଦୌଡ଼ି ଜଙ୍ଗଲରେ ଅଦୃଶ୍ୟ ହୋଇଗଲେ ।

## ୧୮୫୭ର କ୍ରାନ୍ତିରେ

୧୮୫୭ ମଧ୍ୟଭାଗରୁ ୧୮୬୦ ମଧ୍ୟଭାଗ ପର୍ଯ୍ୟନ୍ତ ତିନି ବର୍ଷର ସ୍ୱାମୀ ଦୟାନନ୍ଦଙ୍କ ଜୀବନର ଘଟଣା ଯଥାର୍ଥତଃ ଉପଲବ୍ଧ ନୁହେଁ । ନର୍ମଦା ନଦୀର ଉତ୍ପତ୍ତି ସ୍ଥଳ ଦେଖିବା ପରେ ଏହି ଅବଧି ମଧ୍ୟରେ ସେ କେଉଁକେଉଁ ସ୍ଥାନକୁ ଯାତ୍ରା କଲେ, କେଉଁଠି ରହିଲେ, କ'ଣ କରୁଥିଲେ ସେ ବିଷୟ ଏ ପର୍ଯ୍ୟନ୍ତ ରହସ୍ୟାବୃତ୍ତ ହୋଇ ରହିଛି । ଏହାକୁ ସ୍ୱାମୀ ଦୟାନନ୍ଦଙ୍କ 'ଅଜ୍ଞାତବାସ' ବୋଲି କୁହାଯାଏ । ତାଙ୍କର ଏ ସମୟର କାର୍ଯ୍ୟକଳାପ ସମ୍ବନ୍ଧରେ ବିବିଧ ଲେଖକ ଭିନ୍ନଭିନ୍ନ ବିଚାର ବ୍ୟକ୍ତ କରିଛନ୍ତି । ବହୁ ପୁସ୍ତକରେ ବହୁ କଥା ପଢ଼ିବାକୁ ଏବଂ ବହୁ ମୁଖରୁ ବହୁ କଥା ଶୁଣିବାକୁ ମିଳେ । ଅନେକ ଐତିହାସିକ ମଧ୍ୟ ବିବିଧ ଦଲିଲ ଆଧାରରେ ଏ ବିଷୟକ ଭିନ୍ନ-ଭିନ୍ନ ଘଟଣାର ଅବତାରଣା କରିଛନ୍ତି । ଅନେକ ଲେଖକଙ୍କ ମତରେ ସ୍ୱାମୀ ଦୟାନନ୍ଦ ୧୮୫୭ର ସ୍ୱାଧୀନତା ସଂଗ୍ରାମର ସୂତ୍ରଧର ନାନା ସାହେବ, ତାତ୍ୟାଟୋପେ, ଅଜୀମୁଲ୍ଲା ଖାଁ, କୁଅଁର ସିଂହ, ରାଣୀ ଲକ୍ଷ୍ମୀବାଇ ଆଦିଙ୍କ ପଥପ୍ରଦର୍ଶକ, ପରାମର୍ଶଦାତା ଥିଲେ । ଅନ୍ୟ କେତେକଙ୍କ ବିଚାର ଯେ ସେତେବେଳେ ଗାଆଁ-ଗାଆଁରେ କ୍ରାନ୍ତିର ବାର୍ତ୍ତା ପହଞ୍ଚାଇବା ପାଇଁ ସାଧୁ-ସନ୍ନ୍ୟାସୀଙ୍କ ଏକ ବଡ଼ ଦଳ କାର୍ଯ୍ୟ କରୁଥିଲା ଓ ସ୍ୱାମୀ ଦୟାନନ୍ଦ ତା'ର ନେତୃତ୍ୱ ନେଉଥିଲେ । ବହୁତଙ୍କ ବିଚାର ଯେ ୧୮୫୬ରୁ ୧୮୫୭ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ସ୍ୱାମୀଜୀ ଯେଉଁସବୁ ଅଞ୍ଚଳରେ ଭ୍ରମଣ କରୁଥିଲେ ସେସବୁ ଅଞ୍ଚଳରେ କ୍ରାନ୍ତିର ପୂର୍ବ ପ୍ରସ୍ତୁତି ଚାଲିଥିଲା । ତେଣୁ ନିଶ୍ଚିତ ରୂପେ ଏ ବିଷୟରେ ସେ ଅବଗତ ହୋଇଥିବେ । ପୁଣି ସ୍ୱାମୀ ଦୟାନନ୍ଦଙ୍କ ସଦୃଶ ଭାବନାପ୍ରବଣ ହୃଦୟ ଓ ଚେତନାବାନ୍

ମସ୍ତିଷ୍କ ସମ୍ପନ୍ନ ଯୁବକ ଏସବୁକୁ ଅତି ନିକଟରୁ ଦେଖି ଏଥିରୁ ଅସମ୍ପୃକ୍ତ ରହିବା ଆଦୌ ସମ୍ଭବ ନୁହେଁ । ଯାହାଙ୍କ ପ୍ରୌଢ଼ ବୟସର ଲେଖା ଓ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ତାଙ୍କ ଦ୍ୱାରା ସଂସ୍ଥାପିତ ସଂଗଠନ 'ଆର୍ଯ୍ୟସମାଜ'ରେ ଯୋଗ ଦେଇ ହଜାର-ହଜାର ଲୋକ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଘର୍ଷ କରିବା ପାଇଁ ଆଗେଇ ଆସିଥିଲେ ସେହି ଆଗ୍ନେୟ ବ୍ୟକ୍ତିତ୍ୱର ଅଧିକାରୀ ସ୍ୱାମୀ ଦୟାନନ୍ଦ ଯେ ତାଙ୍କ ପୂର୍ଣ୍ଣ ଯୌବନରେ ସମଗ୍ର ଦେଶରେ ଚାଲିଥିବା ରାଷ୍ଟ୍ରିୟ-ଅସ୍ମିତା ପୁନର୍ଜାଗରଣ ମହାଯଜ୍ଞରେ ସ୍ୱ ଆହୁତି ପ୍ରଦାନ ନ କରି କେଉଁ ନିଭୃତ-ନିକାଞ୍ଚନରେ ନିର୍ଲିପ୍ତ-ନିଶ୍ଚିନ୍ତ ହୋଇ ବସିରହିଥିବେ ସେ କଥା ସାଧାରଣ ଲୋକଟିଏ ମଧ୍ୟ ହଜମ କରିବା କଷ୍ଟକର । କିନ୍ତୁ ତାଙ୍କର ସେ ତିନି ବର୍ଷର ବୃତ୍ତାନ୍ତ ଲୋକଲୋଚନକୁ ନ ଆସିବା ବିଷୟରେ ଅନେକ ସତର୍କ ଚିନ୍ତକ ତର୍କ ଦିଅନ୍ତି କି ସମ୍ଭବତଃ ସ୍ୱାମୀଜୀଙ୍କ ପାଖରେ କ୍ରାନ୍ତିବିଷୟକ ବହୁ ଗୋପନୀୟ ତଥ୍ୟ ଥିଲା ଯାହା ତାଙ୍କ ଜୀବନ କାଳରେ ପ୍ରକାଶିତ ହୋଇଥିଲେ ସେ ସମୟରେ ଇଂରେଜ ଶାସନ ଥିବାରୁ ଇଂରେଜଙ୍କ ଦୃଷ୍ଟିରୁ ସେପର୍ଯ୍ୟନ୍ତ ବର୍ତ୍ତିଯାଇଥିବା କ୍ରାନ୍ତିର କର୍ମକର୍ତ୍ତା, ସହାୟକ ଓ ସେମାନଙ୍କ ପରିବାର-ପରିଜନଙ୍କୁ ଅକଥନୀୟ ନିର୍ଯାତନା ଭୋଗ କରିବାକୁ ପଡ଼ିଥାନ୍ତା । ତେଣୁ ସେସବୁ ପ୍ରକାଶିତ ହେଲା ନାହିଁ । ସେ ଯାହା ବି ହୋଇଥାଉ ରାଷ୍ଟ୍ରର ସେହି ସଂକ୍ରାନ୍ତି କାଳରେ ତାଙ୍କ ଭୂମିକା ନିର୍ଦ୍ଦିଷ୍ଟ ରୂପେ କ'ଣ ଥିଲା, ସେ କ'ଣ କରୁଥିଲେ ସେ ସଂପର୍କରେ ସ୍ପଷ୍ଟ ଓ ସର୍ବଗ୍ରାହ୍ୟ ତଥ୍ୟ ଅଦ୍ୟାବଧି ଜ୍ଞାତ ହୋଇପାରିନାହିଁ; ଏହା ଅଜ୍ଞାତ ଓ ରହସ୍ୟମୟ ହୋଇ ରହିଛି ।

❖❖❖

## ୨୪ ପୃଷ୍ଠାର ଅବଶିଷ୍ଟାଂଶ

ଯଦି ବ୍ୟକ୍ତି ଭାବିଚିନ୍ତି, ବୁଝିବିଚାରି କଥା କହେ ତେବେ ତାକୁ ଅପମାନରୁ ରକ୍ଷା ପାଇବା ପାଇଁ ମିଛ କହିବାକୁ ପଡ଼ିବ ନାହିଁ । ଏଣୁ ସର୍ବଦା ଭାବିଚିନ୍ତି, ବୁଝିବିଚାରି କଥା କହିବାର ସ୍ୱଭାବ ତିଆରି କରିବା ଆବଶ୍ୟକ । ଆଉ ଯଦି କେବେ ଅସାବଧାନତାବଶତଃ କୌଣସି ଭୁଲ କଥା କହିଦେଲ ତେବେ ଯଦି ସତ୍ୟନିଷ୍ଠା ଅଛି ତେବେ ଅପମାନକୁ ଖାତିର ନ କରି ନିଜ କୁହାଯାଇଥିବା କଥାକୁ ସ୍ୱୀକାର କରିବା ଉଚିତ । ଯଦି କେହି ଧାର ମାଗିବାକୁ ଆସେ ଏବଂ ଯଦି ଧାର ଦେବାର ଇଚ୍ଛା ନାହିଁ ତେବେ କିଏ କ'ଣ ଭାବିବ ତାହା ଚିନ୍ତା ନ କରି ମୁଁ ଦେଇପାରିବି ନାହିଁ ବୋଲି ଋଣଦାତା କହିଦେବା ଉଚିତ । ନିନ୍ଦିତ କର୍ମ କରିଥିବା ବ୍ୟକ୍ତି ଦଣ୍ଡକୁ ଖାତିର ନ କରି ସତ୍ୟନିଷ୍ଠାର ପରିଚୟ ଦେଇ କ୍ଷମାଯାଚନା ପୂର୍ବକ ନିଜ କୃତ କର୍ମକୁ ସ୍ୱୀକାର କରିପାରିବେ ଏବଂ ସେପରି କର୍ମର ପୁନରାବୃତ୍ତି ନ ହେବାର ନିର୍ଭର ପ୍ରତିଶ୍ରୁତି ଦେଇ ସେଥିପାଇଁ ପୂର୍ଣ୍ଣପ୍ରାଣରେ ପ୍ରଯତ୍ନ କରିବେ । ଯେଉଁ କଥା ଜଣା ଅଛି, କିନ୍ତୁ ପ୍ରକାଶ କଲେ କଳହ, ଝଗଡ଼ା ହେବାର, ବଢ଼ିବାର ସମ୍ଭାବନା ଅଛି ଅଥବା ଗୋପନୀୟତା କିମ୍ବା ଅନ୍ୟ କାରଣରୁ କହିବାକୁ ଚାହୁଁନାହାନ୍ତି ତେବେ ସ୍ପଷ୍ଟ ଶବ୍ଦରେ କହିଦିଅନ୍ତୁ ଯେ ଏ କଥା ମୋତେ ପଚାରନ୍ତୁ ନାହିଁ, ମୁଁ କହିପାରିବି ନାହିଁ । ଯଦି ସତ୍ୟ ପ୍ରତି ଦୃଢ଼ ନିଷ୍ଠା ଅଛି ତେବେ ମିଛ କହି ବ୍ୟକ୍ତି ନିଜ ସ୍ୱାର୍ଥ ସିଦ୍ଧି କରିବ ନାହିଁ । ଋଣୀ ବ୍ୟକ୍ତି ମିଛ ପ୍ରତିଶ୍ରୁତି ନ ଦେଇ ଏହା କହିବା ଉଚିତ ଯେ ଯେତେବେଳେ ମୋ ପାଖରେ ପଇସା ହୋଇଯିବ ନିଶ୍ଚିତ ଫେରାଇଦେବି ଏବଂ ସେହି ବିଶ୍ୱାସ ଜାଗ୍ରତ ହେବା ଭଳି ଉଚିତ କର୍ମ ମଧ୍ୟ କରିବା ଆବଶ୍ୟକ । କୌଣସି ଆବଶ୍ୟକତାଗ୍ରସ୍ତ ବ୍ୟକ୍ତି ଆଗରେ ମିଛ ବାହାନା କରିବା ଅପେକ୍ଷା ଏହା କୁହାଯାଇପାରିବ ଯେ ମୁଁ ଏହି କାମ କରିପାରିବି ନାହିଁ, ଆପଣ ଅନ୍ୟ ବ୍ୟବସ୍ଥା ଦେଖନ୍ତୁ । **କ୍ରମଶଃ.....**

**ବେଦସୁଧା :**

# ଅମୃତ ବିନୟ ବଚନ

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ସକ୍ତୁମିବ ତିତଉନା ପୁନନ୍ତୋ ଯତ୍ର ଧୀରା ମନସା ବାଚମକ୍ରତ ।**
**ଅତ୍ରା ସଖାୟଃ ସଖ୍ୟାନି ଜାନତେ ଭଦ୍ରୈଷାଂ ଲକ୍ଷ୍ମୀର୍ନିହିତାଧି ବାଚି ॥** (ଋକ୍. ୧୦:୭୧:୨)

**ଅନ୍ୱୟ —** ତିତଉନା ସକ୍ତୁମ୍ ଇବ ଯତ୍ର ଧୀରାଃ ମନସା ପୁନନ୍ତଃ ବାଚମ୍ ଅକ୍ରତ, ଅତ୍ର ସଖାୟଃ ସଖ୍ୟାନି ଜାନତେ (ଜାନନ୍ତି) । ଏଷାଂ ବାଚି ଭଦ୍ରା ଲକ୍ଷ୍ମୀଃ ଅଧି ନିହିତା (ଅସ୍ତି) ।

**ଅର୍ଥ — (ତିତଉନା)** ଚାଲୁଣୀ ଦ୍ୱାରା **(ସକ୍ତୁମ୍ ଇବ)** ଚୂନାକୁ ଛାଣିବା, ସଫାକରିବା ଭଳି **(ଯତ୍ର)** ଯେଉଁଠି, ଯେଉଁ ବିଷୟରେ **(ଧୀରାଃ)** ଧୀର, ଗମ୍ଭୀର, ବୁଦ୍ଧିମାନ୍ ଲୋକେ **(ମନସା)** ମନ ଦ୍ୱାରା **(ପୁନନ୍ତଃ)** ପବିତ୍ର, ଶୁଦ୍ଧ କରି **(ବାଚମ୍)** ବଚନ **(ଅକ୍ରତ)** ପ୍ରୟୋଗ କରନ୍ତି, **(ଅତ୍ର)** ଏ ବିଷୟରେ, ଏଠାରେ(ସେଠାରେ) **(ସଖାୟଃ)** ହିତୈଷୀ, ମିତ୍ରଭାବାପନ୍ନ, ବିଦ୍ୱାନ୍ ଲୋକେ **(ସଖ୍ୟାନି)** ହିତକର କଥାକୁ, ମିତ୍ରତାକୁ, ଶବ୍ଦ-ଅର୍ଥର ଯଥାର୍ଥ ସମ୍ବନ୍ଧକୁ **(ଜାନତେ)** ଜାଣନ୍ତି, ବୁଝନ୍ତି । **(ଏଷାମ୍)** ଏମାନଙ୍କର **(ବାଚି)** ବାଣୀରେ **(ଭଦ୍ରା)** କଲ୍ୟାଣୀ **(ଲକ୍ଷ୍ମୀଃ)** ଲକ୍ଷ୍ମୀ **(ଅଧି ନିହିତା)** ଅଧିଷ୍ଠିତ ହୋଇ ରହନ୍ତି ।

**ବ୍ୟାଖ୍ୟା —** ସଂସାରର ଅନ୍ୟ ପ୍ରାଣୀଙ୍କ ଠାରୁ ମନୁଷ୍ୟକୁ ପୃଥକ୍ ପରିଚୟ ଦେବାରେ ବାଣୀ ଏକ ପ୍ରମୁଖ କାରଣ । ମନୁଷ୍ୟେତର ଯେତେ ପ୍ରାଣୀ ଅଛନ୍ତି ସେମାନଙ୍କ ଭିତରେ ବାଣୀ ଅବ୍ୟକ୍ତ ରୂପେ ଥାଏ; ଧ୍ୱନି ବା ନାଦ ରୂପରେ ଥାଏ । ପକ୍ଷୀମାନଙ୍କ ବିବିଧ ରାବରେ ସେହି ସମୁଦାୟର ଏକ ସାମାଜିକତାର ଆଭାସ ହୁଏ । ଏହିଭଳି ଘଟଣା ପଶୁଙ୍କ ମଧ୍ୟରେ ବି ଦେଖିବାକୁ ମିଳେ । ସେମାନେ ଡରାଇବା, ସଂଗଠିତ ପ୍ରତିରୋଧ କରିବା, ଲଢ଼ିବା ପାଇଁ ଅଲଗା ପ୍ରକାର ଗରଗର ହୁଅନ୍ତି ଏବଂ ପରାଜୟ ସ୍ୱୀକାର କଲେ ଅନ୍ୟ ପ୍ରକାର ଶବ୍ଦ କରନ୍ତି; ଦୁଃଖରେ ଅଲଗା ପ୍ରକାର ଧ୍ୱନି କରନ୍ତି ତ ସୁଖରେ, ହର୍ଷରେ ଅନ୍ୟ ପ୍ରକାରର । କୌଣସି ପଶୁ-ପକ୍ଷୀଙ୍କ ଶାବକ କ୍ଷୁଧାତୁର ହେଲେ, ବିପଦର ଆଶଙ୍କା କଲେ ଭୋକରେ, ଭୟରେ ଯେଉଁ ଧ୍ୱନି କରନ୍ତି ସେମାନଙ୍କ ମାତା-ପିତା ତାହା ଶୁଣି ଦୌଡ଼ି ଆସନ୍ତି । ଶୁଆ-ଶାରୀ ତ ମଣିଷର ଭାଷାର ମଧ୍ୟ ଅନୁକରଣ କରିପାରନ୍ତି । କିନ୍ତୁ ମନୁଷ୍ୟଠାରେ ଏଇ ବାଣୀ ଧ୍ୱନି ବା ନାଦ ରୂପରେ ତ ଥାଏ, ତାହା ଭାଷା ରୂପେ ମଧ୍ୟ ଥାଏ । ମାନବୀ ବାଣୀ ବାସ୍ତବରେ ପ୍ରଭୁଙ୍କର ଆମ ପାଇଁ ଅମୂଲ୍ୟ ବରଦାନ, ଶ୍ରେଷ୍ଠ ଦାନ ।

ମଣିଷର ଭାଷା ପ୍ରସ୍ଫୁଟିତ । ସଂସ୍କୃତର ବର୍ଣ୍ଣମାଳା ଅତ୍ୟନ୍ତ ବିସ୍ତୃତ । ଉଚ୍ଚାରଣ ନିମନ୍ତେ ପ୍ରତ୍ୟେକ ବର୍ଣ୍ଣର ସ୍ଥାନ-ପ୍ରଯତ୍ନ ସବୁ ନିର୍ଦ୍ଧାରିତ । ଶବ୍ଦ ସହ ଭାବନାର ସଂପର୍କ ଅଛି । ଅତଃ ମନୁଷ୍ୟର ମନ, ଜୀବନ, ଚରିତ୍ର ଉପରେ ବାଣୀର ବଡ଼ ପ୍ରଭାବ ଅଛି । ବ୍ୟକ୍ତି ଓ ସମାଜ ଜୀବନରେ ବାଣୀର ବହୁତ ଉଚ୍ଚ ସ୍ଥାନ ଅଛି । ତା'ର ମହିମା ବହୁ ଅଧିକ । ମଣିଷର ପାରସ୍ପରିକ ବ୍ୟବହାର, ସମ୍ବନ୍ଧ, ପ୍ରଭାବ ଆଦି ବହୁତ କିଛି ବାଣୀ ଉପରେ ନିର୍ଭର କରେ । ଯଦି ସଂସାରରେ କିଛି ସମୟ ପାଇଁ ବାଣୀକୁ ରୋକି ଦିଆଯାଏ ତେବେ ସଂସାରର ସମସ୍ତ ବ୍ୟବହାର ଅଟକି ଯିବ ।

ବାଣୀର ବଶୀକରଣ ଦ୍ୱାରା ବ୍ୟକ୍ତି ବହୁତ ଉପରକୁ ଉଠିପାରେ । ଜଣେ ମନୀଷୀ କହିଛନ୍ତି — If you conquer your tounge only, you are sure to conquer

your whole body & mind at ease. — ଯଦି ତୁମେ କେବଳ ତୁମ ଜିହ୍ୱାକୁ ବଶ କରିପାରିବ, ତେବେ ତୁମ ମନ ଓ ଶରୀର ଅନାୟାସରେ ବଶ ହୋଇଯିବ ।

ଭର୍ତ୍ତୃହରି ମହାରାଜ ବାଣୀକୁ ମଣିଷର ସର୍ବଶ୍ରେଷ୍ଠ ଅଳଙ୍କାର ବୋଲି କହିଛନ୍ତି —

**କେୟୂରାଣି ନ ଭୂଷୟନ୍ତି ପୁରୁଷଂ**
**ହାରା ନ ଚନ୍ଦ୍ରୋଜ୍ଜ୍ୱଳା**
**ନ ସ୍ନାନଂ ନ ବିଲେପନଂ ନ କୁସୁମଂ**
**ନାଲଙ୍କୃତା ମୂର୍ଧଜାଃ ।**
**ବାଣ୍ୟେକା ସମଲଙ୍କରୋତି ପୁରୁଷଂ**
**ୟା ସଂସ୍କୃତା ଧାର୍ୟତେ**
**କ୍ଷୀୟନ୍ତେ ଖଲୁ ଭୂଷଣାନି ସତତଂ**
**ବାଗ୍‌ଭୂଷଣଂ ଭୂଷଣମ୍ ॥**
(ନୀତି. ୧୮)

ବାଜୁବନ୍ଧ, ଚନ୍ଦ୍ର ଭଳି ଉଜ୍ଜ୍ୱଳ ହାର, ସ୍ନାନ, ଚନ୍ଦନାଦି ଲେପନ, ପୁଷ୍ପର ସାଜସଜ୍ଜା ଓ ପ୍ରସାଧିତ କେଶ ମଣିଷକୁ ସୁଶୋଭିତ କରେ ନାହିଁ । ଧାରଣ କରାଯାଇଥିବା ମାର୍ଜିତ, ପରିଷ୍କୃତ ବାଣୀ ହିଁ ବ୍ୟକ୍ତିକୁ ସମଲଙ୍କୃତ କରିଥାଏ । ଅନ୍ୟ ସକଳ ଅଳଙ୍କାର ତ ମ୍ଳାନ, ନଷ୍ଟ ହୋଇଯାନ୍ତି; କିନ୍ତୁ ସଂସ୍କୃତ, ପରିଷ୍କୃତ ବଚନ ରୂପକ ଅଳଂକାର ସଦା-ସର୍ବଦା ଚକଚକ କରୁଥାଏ ।

କର୍ମର ୩ଟି ସାଧନ - ମନ, ବାଣୀ ଓ ଶରୀର । ଏହାର ଆଧାରରେ ୩ ପ୍ରକାର କର୍ମ ହୋଇଥାଏ - ମାନସିକ, ବାଚିକ ଓ ଶାରୀରିକ । କର୍ମର ଏ ୩ ସାଧନକୁ ବଶ କରିବାର ନାମ ମାନସିକ, ବାଚିକ ଓ ଶାରୀରିକ ତପ । ଏହି ବେଦମନ୍ତ୍ରରେ ଏହି ବାଚିକ ତପ ଆଡ଼କୁ ସଂକେତ କରାଯାଇଛି । ବର୍ତ୍ତମାନ ଆମେ ଦେଖିବା ଏହି ମନ୍ତ୍ରରେ ବାଣୀ ସଂପର୍କରେ କ'ଣ କୁହାଯାଇଛି । ମନ୍ତ୍ରର ବିଚାରକୁ ଆମେ ତିନି ଖଣ୍ଡରେ ବିଭକ୍ତ କଲେ ଏହା ସହଜରେ ବୁଝିପାରିବା —

**୧. ତିତଉନା ସକ୍ତୁମିବ ୟତ୍ର ଧୀରାଃ ମନସା ପୁନନ୍ତଃ ବାଚମ୍ ଅକ୍ରତ —** ଚାଲୁଣୀ ଦ୍ୱାରା ଚୂନାକୁ ଛାଣିବା, ସଫାକରିବା ଭଳି ଯେଉଁଠି, ଯେଉଁ ବିଷୟରେ ଧୀର, ଗମ୍ଭୀର, ବୁଦ୍ଧିମାନ୍ ଲୋକେ ମନ ଦ୍ୱାରା ବାଣୀକୁ ପବିତ୍ର, ଶୁଦ୍ଧ କରି ପ୍ରୟୋଗ କରନ୍ତି,

**୨. ଅତ୍ର ସଖାୟଃ ସଖ୍ୟାନି ଜାନତେ —** ଏଠାରେ(ସେଠାରେ) ହିତୈଷୀ, ମିତ୍ରଭାବାପନ୍ନ, ବିଦ୍ୱାନ୍ ଲୋକେ ହିତକର କଥାକୁ, ମିତ୍ରତାକୁ, ଶବ୍ଦ-ଅର୍ଥର ଯଥାର୍ଥ ସମ୍ବନ୍ଧକୁ ଜାଣନ୍ତି, ବୁଝନ୍ତି ।

**୩. ଏଷାଂ ବାଚି ଭଦ୍ରା ଲକ୍ଷ୍ମୀଃ ଅଧି ନିହିତା (ଅସ୍ତି) —** ଏମାନଙ୍କର ବାଣୀରେ କଲ୍ୟାଣୀ ଲକ୍ଷ୍ମୀ ଅଧିଷ୍ଠିତ ହୋଇ ରହନ୍ତି । ଏପରି ଶୁଦ୍ଧ, ପବିତ୍ର ବାଣୀ କହିବା ଦ୍ୱାରା ସବୁ ଦିଗରେ ଧନ-ସମ୍ପତ୍ତି ଦ୍ୱାରା କଲ୍ୟାଣ ହୁଏ ।

**୧. ତିତଉନା ସକ୍ତୁମିବ ୟତ୍ର ଧୀରାଃ ମନସା ପୁନନ୍ତଃ ବାଚମ୍ ଅକ୍ରତ —**

ଚୂନାକୁ ଚଲାଇବା, ଛାଣିବା ପାଇଁ 'ତିତଉ' ଅର୍ଥାତ୍ ଚାଲୁଣୀ ବ୍ୟବହାର କରାଯାଏ । ଚୂନାକୁ କାହିଁକି ଚଲାଯାଏ, ଛଣାଯାଏ ? ଛଣାଯାଇ ନ ଥିବା ଚୂନା କାହିଁକି ବ୍ୟବହାର କରାଯାଏ ନାହିଁ ? ଦୁଇଟି କାରଣରୁ । ଗୋଟିଏ ହେଲା କି ଯେତେବେଳେ ଚାଉଳ, ଗହମ, ବୁଟ ଆଦି ଯେଉଁ ଖାଦ୍ୟ ପଦାର୍ଥର ଚୂନା କରାଯାଇଥାଏ ସେଥିରେ ସେସବୁର ଚୋପା କି ଖଦଡ଼ା ଅଂଶ ଯଦି ରହିଯାଇଥାଏ ତାହା ବାହାରିଯାଉ ଯାହା କାରଣରୁ ଚୂନାକୁ ହଜମ କରିବାରେ ଆଉ କଷ୍ଟ ନ ହେଉ । ଦ୍ୱିତୀୟରେ ଯଦି କୌଣସି କାରଣରୁ ବ୍ୟବହାର କରିବାକୁ ଯାଉଥିବା ଚୂନାରେ କୁଟା-କାଠି ଆଦି ଅନ୍ୟ କୌଣସି ବିଜାତୀୟ ପଦାର୍ଥ ମିଶିଯାଇଥାଏ ତାହା ବି ବାହାରିଯାଉ । ଚୂନା ଶୁଦ୍ଧ ବି ହେଉ ଓ କର୍କଶ ମଧ୍ୟ ନ ହେଉ । ଚାଲୁଣୀର କାମ ହେଲା ଚୂନାରୁ ଅନୁପଯୋଗୀ ପଦାର୍ଥକୁ ବାହାର କରି ବ୍ୟବହାର ଉପଯୋଗୀ ଚୂନାକୁ ବ୍ୟବହାର ପାଇଁ ଦେବା ।

ସୁନ୍ଦର, ବ୍ୟବସ୍ଥିତ ଭାଷା ରୂପେ ବାଣୀର ପ୍ରୟୋଗ କରିବା ତ ମନୁଷ୍ୟ-ଜୀବନର ଗୌରବ । କିନ୍ତୁ ଯେତେବେଳେ ଏହି ବଚନ ଅନୁଚିତ ରୂପେ ପ୍ରୟୋଗ କରାଯାଏ ସେତେବେଳେ ବ୍ୟକ୍ତି ଓ ଜାତି ସେହି ଭୀଷଣ ଦୋଷରେ ଦୂଷିତ ହୋଇଯାଏ ଯେଉଁ ଦୋଷ କୌଣସି ପଶୁ-ପକ୍ଷୀ ବା କୀଟ-ପତଙ୍ଗ ଠାରେ ମଧ୍ୟ ମିଳେ ନାହିଁ । ଏଣୁ ବେଦମନ୍ତ୍ର କହେ କି 'ବାଚମ୍' ଅର୍ଥାତ୍ ବାଣୀକୁ ଛାଣି କୁହ । ସେଥିରୁ ଅନ୍ୟ ପଦାର୍ଥ ଓ କର୍କଶତା ବାହାର କରିଦିଅ । ତେବେ ଏପରି କେଉଁ ଚାଲୁଣୀ ଅଛି ଯାହାଦ୍ୱାରା ବାଣୀର ଏ ଅବଗୁଣ ଦୂର ହୋଇପାରିବ ? ମନ୍ତ୍ର ଉତ୍ତର ଦିଏ - ତୁମ ବୁଦ୍ଧି(ମନ) ହିଁ ଏପରି ଚାଲୁଣୀ । ଯେତେବେଳେ ଧୀର, ବୁଦ୍ଧିମାନ୍, ମେଧାବୀ ବ୍ୟକ୍ତିମାନେ ସ୍ୱ ବାଣୀକୁ ପ୍ରୟୋଗ କରନ୍ତି ତ କେଉଁ ଭଳି କହନ୍ତି ସେକଥା ଏହି ବେଦମନ୍ତ୍ରରେ କୁହାଯାଇଛି । ଯେପରି ଚୂନାକୁ ଚାଲୁଣୀରେ ଛଣାଯାଏ, ସେପରି ବାଣୀକୁ ମନ ଦ୍ୱାରା ଶୋଧନ କରି, ପବିତ୍ର କରି ଏମାନେ କହନ୍ତି । ଅତଃ ବୁଦ୍ଧିରେ ଶୁଦ୍ଧ କରି ବଚନ କୁହ । ବାଣୀକୁ ମନ ଦ୍ୱାରା କାହିଁକି ଶୋଧନ କରାଯିବା କଥା କୁହାଯାଇଛି ? ପ୍ରାଚୀନ ଋଷି କହିଛନ୍ତି —

**'ଯନ୍ମନସା ମନୁତେ ତଦ୍ ବାଚା ବଦତି, ଯଦ୍ ବାଚା ବଦତି ତତ୍ କର୍ମଣା କରୋତି, ଯତ୍ କର୍ମଣା କରୋତି ତଦଭିସମ୍ପଦ୍ୟତେ ।'**

ମଣିଷ ଯେପରି ମନନ କରେ, ବିଚାର କରେ ସେପରି ହିଁ ବାଣୀରେ କହେ; ଯେପରି କହେ ସେପରି ହିଁ କର୍ମ କରେ, ଯେପରି କର୍ମ କରେ ସେପରି ହିଁ ତା'ର ଜୀବନର ନିର୍ମାଣ ହୁଏ । ଏହାର ଅର୍ଥ ହେଲା ଯେ ବାଣୀର ଉଦ୍‌ଭବ ମନରୁ ଆରମ୍ଭ ହୁଏ । ତେଣୁ ମନରେ ଉତ୍ତମ ରୂପେ ବିଚାର କରି, ମନରେ ଉଚିତ-ଅନୁଚିତର ମନନ-ଚିନ୍ତନ-ନିର୍ଣ୍ଣୟ କରି ବଚନ କହିବା ଉଚିତ । ଏଠାରେ ମନ ଶବ୍ଦରେ ମନ, ବୁଦ୍ଧି, ଚିତ୍ତ, ଅହଂକାର ସମ୍ମିଳିତ । କଠ ଉପନିଷଦରେ ଆମ ଶରୀରକୁ ରଥ, ଆତ୍ମାକୁ ରଥୀ ବା ସ୍ୱାମୀ, ଇନ୍ଦ୍ରିୟଗୁଡ଼ିକୁ ଘୋଡ଼ା ବୋଲି କୁହାଯିବା ସହ ଏକଥା ବି କୁହାଯାଇଛି ଯେ ମନ ହେଲା ଲଗାମ ଓ ବୁଦ୍ଧି ହେଲା ସାରଥୀ — **'ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ' ।** (କଠ. ୩:୩)

ରଥକୁ ଠିକ୍ ରାସ୍ତାରେ ନେଇ ଗନ୍ତବ୍ୟ ପଥରେ ପହଞ୍ଚାଇବା ପାଇଁ ସାରଥି ଯେପରି ଲଗାମ ମାଧ୍ୟମରେ ଘୋଡ଼ା ଉପରେ ନିୟନ୍ତ୍ରଣ ରଖେ, ସେହିପରି ମନ ଦ୍ୱାରା ଭଲ-ମନ୍ଦର ମନନ କରିବା ଓ ବୁଦ୍ଧି ଦ୍ୱାରା ନିର୍ଣ୍ଣୟ କରିବା ଆବଶ୍ୟକ, ଉଚିତ-ଅନୁଚିତର ବିଚାର କରି ବଚନ କହିବା ଉଚିତ ।

ବର୍ତ୍ତମାନ ଆମେ ଏହା ବିଚାର କରିବା କି ବାଣୀର କେଉଁ-କେଉଁ ଦୋଷ ଥାଏ ଯାହାକୁ କି ସଫା କରିବାର ଆବଶ୍ୟକତା ଅଛି ? ମନୁ ମହାରାଜ ବାଣୀର ୪ଟି ଦୋଷ ଦର୍ଶାଇଛନ୍ତି ଯାହାଦ୍ୱାରା କି ବାଣୀ ଦୂଷିତ ହୋଇଥାଏ—

**ପାରୁଷ୍ୟମନୃତଂ ଚୈବ ପୈଶୁନ୍ୟଂ ଚାପି ସର୍ବଶଃ ।**
**ଅସମ୍ବଦ୍ଧପ୍ରଲାପଶ୍ଚ ବାଙ୍ମୟଂ ସ୍ୟାଚ୍ଚତୁର୍ବିଧମ୍ ॥**
(ମନୁ. ୧୨:୬)

୧. ପାରୁଷ୍ୟ ଅର୍ଥାତ୍ କଠୋର ଭାଷଣ, କଟୁବଚନ; ୨. ଅନୃତ ଅର୍ଥାତ୍ ମିଥ୍ୟାଭାଷଣ; ୩. ପୈଶୁନ୍ୟ ଅର୍ଥାତ୍ ନିନ୍ଦା-ଚୁଗୁଲି, କୁତ୍ସାରଟନା; ୪. ଅସମ୍ବଦ୍ଧପ୍ରଲାପ ଅର୍ଥାତ୍ ବୃଥା ବକ୍‌ବକ୍ ହେବା - ଏ ୪ଟି ହେଉଛି ବାଣୀର ପ୍ରସିଦ୍ଧ ଦୋଷ ।

ନ୍ୟାୟଦର୍ଶନ(୧:୧:୨)ର ଭାଷ୍ୟରେ ମହର୍ଷି ବାତ୍ସାୟନ ମଧ୍ୟ ବାଣୀର ଅଶୁଭ କର୍ମ ବିଷୟରେ କହିଛନ୍ତି— **'ବାଚାଽନୃତପରୁଷସୂଚନାଽସମ୍ବଦ୍ଧାନି ।'**— ଅନୃତ (ମିଥ୍ୟାଭାଷଣ), ପରୁଷ (କଠୋର = କଟୁବଚନ), ସୂଚନ (ନିନ୍ଦା-ଚୁଗୁଲି), ଅସମ୍ବଦ୍ଧ (ଅନର୍ଗଳ ପ୍ରଳାପ) - ଏ ୪ଟି ହେଲା ବାଣୀ ଦ୍ୱାରା ହେଉଥିବା ଅଶୁଭ କର୍ମ ।

**୧. ପାରୁଷ୍ୟ ଅର୍ଥାତ୍ କଠୋର ଭାଷଣ, କଟୁବଚନ** — କଠୋର, କର୍କଶ, କଟୁ କଥା କହିବା ବାଣୀର ଏକ ପ୍ରମୁଖ ଦୋଷ । କ୍ରୋଧ-ଆବେଶରେ, କାହାକୁ ଅପମାନିତ କରିବା ପାଇଁ, ଉଘେଇବା ଆଦି ନିମନ୍ତେ ବ୍ୟକ୍ତି

କଠୋର, କର୍କଶ, କଟୁ କଥା କହିଥାଏ । ଶୁଣିବା ଲୋକ ଭିତରେ ତାହା ଛୁଞ୍ଚି ଭଳି ଗଳି ଯାଇଥାଏ । କଟୁ କଥା ମଣିଷର ହୃଦୟକୁ ଭେଦ କରି ତା' ହୃଦୟରେ ଏପରି ଗଭୀର କ୍ଷତ ସୃଷ୍ଟି କରେ ଯାହା ସାରା ଜୀବନ ଶୁଖେ ନାହିଁ । ମହାତ୍ମା ବିଦୁର କହନ୍ତି—

**ରୋହତେ ସାୟକୈର୍ବିଦ୍ଧଂ ବନଂ ପରଶୁନା ହତମ୍ ।**
**ବାଚା ଦୁରୁକ୍ତଂ ବୀଭତ୍ସଂ ନ ସଂରୋହତି ବାକ୍‌କ୍ଷତମ୍ ॥**

(ବିଦୁର ନୀତି. ୨:୭୮)

ବାଣ ଦ୍ୱାରା ବିଦ୍ଧ କରାଯାଇଥିବା ଓ କୁରାଢ଼ି ଦ୍ୱାରା କଟାଯାଇଥିବା ଜଙ୍ଗଲ ପୁଣି ସବୁଜିମାରେ ପୂରିଉଠେ; କିନ୍ତୁ କଠୋର ବାଣୀ ଦ୍ୱାରା କରାଯାଇଥିବା କ୍ଷତ କଦାପି ଶୁଖେ, ଭରେ ନାହିଁ ।

କଟୁ କଥା ମଣିଷକୁ ମଣିଷ ଠାରୁ ବହୁ ଦୂରକୁ ନେଇଯାଏ, ଜଣକ ମନରେ ଅନ୍ୟ ପ୍ରତି ଘୃଣା ଉତ୍ପନ୍ନ କରିଦିଏ । ଦ୍ୱେଷ ଭାବର ଏପରି ଅଗ୍ନି ଶୁଣିବା ମନୁଷ୍ୟର ହୃଦୟରେ ଉଦ୍ଦୀପ୍ତ ହୋଇଯାଏ ଯେ ସେହି ବ୍ୟକ୍ତି କଟୁ ଶବ୍ଦ କହୁଥିବା ବ୍ୟକ୍ତି ଠାରୁ ବହୁ ଦୂରରେ ରହିବାକୁ ଚାହେଁ । ଶ୍ରୋତା ସେଥିରେ ଉତ୍ତେଜିତ ହୋଇ ଆବେଶ ପୂର୍ବକ କହୁଥିବା ଲୋକ ବିରୁଦ୍ଧରେ ହାନିକର ପ୍ରତିକ୍ରିୟା ବି ବ୍ୟକ୍ତ କରେ । କଟୁ ଭାଷଣ ଦ୍ୱାରା କେବଳ ତାତ୍‌କାଳିକ ଦ୍ୱେଷ ଯେ ଉଦ୍ଦୀପ୍ତ ହୁଏ ତାହା ନୁହେଁ ଯେବେଯେବେ ବି ସେ ବ୍ୟକ୍ତିକୁ ସେହି କଥା ମନେପଡ଼ିଯାଏ ସେତେବେଳେ ତା' ଭିତରେ କଟୁଭାଷୀ ବ୍ୟକ୍ତି ପ୍ରତି କ୍ରୋଧାଗ୍ନି ପ୍ରଜ୍ୱଳିତ କରାଉଥାଏ । ଅତଃ କଟୁ କଥା କହି କାହାର ହୃଦୟକୁ କଷ୍ଟ ଦେବା ଅନୁଚିତ ।

ଯେଉଁ କଥା ଅନାବଶ୍ୟକ ରୂପେ କଠୋର, କର୍କଶ ଭାବରେ କୁହାଯାଉଛି ଯଦି ସେହି କଥା ଶାନ୍ତ ହୋଇ କୋମଳ ସ୍ୱରରେ କୁହାଯାଏ ତେବେ ଶୁଣିବା ଲୋକକୁ ତାହା ଶାନ୍ତି ପ୍ରଦାନ କରେ, ତାକୁ ଉତ୍ତେଜିତ କରେ ନାହିଁ । ଶାନ୍ତ ସ୍ୱରରେ କହୁଥିବା ବ୍ୟକ୍ତି ସ୍ୱୟଂ ବି ଶାନ୍ତ ରହେ ଓ ଅନ୍ୟ ବ୍ୟକ୍ତିକୁ ବି ଶାନ୍ତି ପ୍ରଦାନ କରେ । ଯେଉଁ ବ୍ୟକ୍ତି ଶାନ୍ତ ସ୍ୱରରେ ଏବଂ ସହାସ୍ୟ ବଦନରେ କୌଣସି କଥା କହେ ତ ତାହା ଶୁଣିବା ଲୋକକୁ ବାଧେ ନାହିଁ । ଅତଃ ଶାନ୍ତ ସ୍ୱରରେ କୁହାଯାଇଥିବା କଥା ଅଗ୍ନିରେ ଜଳର କାମ ଓ ଘାଆରେ ମଲମର କାମ କରେ । ଯେଉଁ କଥା ଶୁଣିବାକୁ ମଧୁର ଓ ପରିଣାମରେ ହିତକାରୀ ବିଚାରପୂର୍ବକ ଏପରି ବଚନ କହିବା ଉଚିତ ।

ଯଦି କାହାର ତ୍ରୁଟି ଦର୍ଶାଇ ତାକୁ ସୁଧାରିବା ପାଇଁ ବି କହିବାର ଅଛି ତେବେ ବହୁ କ୍ଷେତ୍ରରେ ଦେଖାଯାଏ ଯେ ମଧୁର ସ୍ୱରରେ କହିବା ଦ୍ୱାରା ତା'ର ତ୍ରୁଟିର ବି ସୁଧାର ହୋଇଥାଏ ଏବଂ ସିଏ ଖରାପ ମଧ୍ୟ ଭାବେ ନାହିଁ ତଥା କହିବା ଲୋକକୁ ମଧ୍ୟ ଖରାପ ଲାଗେ ନାହିଁ । ଏହିପରି ଭାବେ ମଧୁର ସ୍ୱରରେ କଥା କହିବା ଦ୍ୱାରା ତିନୋଟି ଲାଭ ଅଛି । ଏହା ସାଧାରଣ ନିୟମ । ଅବଶ୍ୟ ବିଶେଷ ଆବଶ୍ୟକ ପରିସ୍ଥିତିର କଥା ଭିନ୍ନ । କିନ୍ତୁ ବିଶେଷ ଆବଶ୍ୟକ ସ୍ଥଳ ପାଇଁ ପ୍ରଯୁଜ୍ୟ ନିୟମକୁ ସଦା-ସର୍ବଦା ପ୍ରୟୋଗ କରି ନିଜ ସଂସ୍କାର ଓ ପରିବେଶ ଉଭୟକୁ ଖରାପ କରିବା ବୁଦ୍ଧିହୀନତା, ଅପରିଣାମଦର୍ଶିତା, ଅଦୂରଦର୍ଶିତା ।

ଅତଃ ସାମାନ୍ୟ ନିୟମ ହେଲା ଯେ ମନୁଷ୍ୟ ସଦା ମଧୁର ଶବ୍ଦ ହିଁ ପ୍ରୟୋଗ କରିବା ଉଚିତ । ବେଦରେ ପରମାତ୍ମାଙ୍କ ଆଦେଶ ହେଲା—

**ଜିହ୍ୱାୟା ଅଗ୍ରେ ମଧୁ ମେ ଜିହ୍ୱାମୂଲେ ମଧୂଲକମ୍ ।**
**ମମେଦହ କ୍ରତାବସୋ ମମ ଚିତ୍ତମୁପାୟସି ॥**

(ଅଥର୍ବ. ୧:୩୪:୨)

ମୋ ଜିଭର ଅଗରେ ମଧୁରସ ରହୁ ଓ ଜିଭର ମୂଳରେ ମଧୁରସ ରହୁ । ମୋର କର୍ମ ଓ ବୁଦ୍ଧିରେ ହିଁ ଅବଶ୍ୟ ଆପଣ ରହନ୍ତୁ । ଏହି ମାଧୁର୍ଯ୍ୟ ମୋ ଚିତ୍ତରେ ପହଞ୍ଚୁ ।

**ମଧୁମନ୍ମେ ନିକ୍ରମଣଂ ମଧୁମନ୍ମେ ପରାୟଣମ୍ ।**
**ବାଚା ବଦାମି ମଧୁମଦ୍ ଭୂୟାସଂ ମଧୁସଂଦୃଶଃ ॥**

(ଅଥର୍ବ. ୧:୩୪:୩)

ମୋର ଆସିବା-ଯିବା ମଧୁର ହେଉ । ମୁଁ ସର୍ବଦା

ମଧୁର ବଚନ କହେ ଓ ମୁଁ ମଧୁର ରୂପବାନ୍ ହୋଇଯାଏ । ପୁଣି କୁହାଯାଇଛି—

**ମଧୋରସ୍ମି ମଧୁତରୋ ମଦୁଧାନ୍‌ମଧୁମତ୍ତରଃ ।**

(ଅଥର୍ବ. ୧:୩୪:୪)

ମୁଁ ମଧୁଠାରୁ ବି ଅଧିକ ମଧୁର ହୁଏ । ମିଠାଇ ଠାରୁ ବି ଅଧିକ ରସବିଶିଷ୍ଟ ହୁଏ ।

ଏହି ବେଦମନ୍ତ୍ରରୁ ଏହା ହିଁ ପ୍ରେରଣା ମିଳେ ଯେ ଆମେ ନିଜ ଜୀବନରେ ମଧୁରତାର ସଞ୍ଚାର କରିବା । ସେହି ମଧୁରତା ପୁଣି ଆମ ବାଣୀରୁ ଝରୁ ।

ମନୁ ମହାରାଜ ମଧ୍ୟ ବାଣୀର ମଧୁରତା ଉପରେ ବହୁତ ଗୁରୁତ୍ୱ ଦେଇଛନ୍ତି—

**ଅହିଂସୟୈବ ଭୂତାନାଂ କାର୍ୟଂ ଶ୍ରେୟୋଽନୁଶାସନମ୍ ।**
**ବାକ୍ ଚୈବ ମଧୁରା ଶ୍ଲକ୍ଷ୍ଣ୍ୟା ପ୍ରୟୋଜ୍ୟା ଧର୍ମମିଚ୍ଛତା ॥**

(ମନୁ. ୨:୧୫୯)

ହିଂସା ଭାବ ପରିତ୍ୟାଗ ପୂର୍ବକ ଧର୍ମାତ୍ମା ବ୍ୟକ୍ତି ସମସ୍ତଙ୍କର କଲ୍ୟାଣ ହେବା ଭଳି ଉପଦେଶ ଦେବା ଉଚିତ ଏବଂ ମଧୁର ବଚନ କହିବା ଉଚିତ । ଏହି ପ୍ରସଙ୍ଗରେ ଏକଥା କହିବା ଆବଶ୍ୟକ ଯେ ହିଂସା ୩ ପ୍ରକାର ହୋଇଥାଏ – ମାନସିକ, ବାଚିକ ଓ ଶାରୀରିକ ହିଂସା । କାହାକୁ କଟୁ କଥା କହିବା ବାଚିକ ହିଂସାର ଅନ୍ତର୍ଗତ । କାହାକୁ କଟୁ କଥା ନ କହି ମଧୁର ଶବ୍ଦ ପ୍ରୟୋଗ କରିବା ହିଁ ବାଚିକ ଅହିଂସାର ଅନ୍ତର୍ଗତ ।

**ନାରୁନ୍ତୁଦଃ ସ୍ୟାଦାର୍ତ୍ତୋଽପି ନ ପରଦ୍ରୋହକର୍ମଧୀଃ ।**
**ୟୟାସ୍ୟୋଦ୍ୱିଜତେ ବାଚା ନାଲୋକ୍ୟାଂ ତାମୁଦୀରୟେତ୍ ॥**

(ମନୁ. ୨:୧୬୧)

ନିଜେ ଦୁଃଖୀ ହୋଇଥିଲେ ମଧ୍ୟ ଅନ୍ୟକୁ କଷ୍ଟ ହେଲା ଭଳି କଥା କହିବେ ନାହିଁ, କାହାକୁ ଈର୍ଷା କରିବେ ନାହିଁ କି କାହାର ହାନି କରିବାର ଭାବନା ମନକୁ ଆଣିବେ ନାହିଁ । ହୃଦୟକୁ ଦୁଃଖ ଦେଉଥିବା ଭଳି କଥା ଯଥାସମ୍ଭବ ନ କହିବା ଉଚିତ ।

**ବଦନଂ ପ୍ରସାଦସଦନଂ ସଦୟଂ ହୃଦୟଂ ସୁଧାମୁଚୋ ବାଚଃ ।**
**କରଣଂ ପରୋପକରଣଂ ୟେଷାଂ କେଷାଂ ନ ତେ ବନ୍ଦ୍ୟାଃ ॥**

ଯେଉଁ ମହାନୁଭବଙ୍କ ମୁଖ ପ୍ରସନ୍ନ, ହୃଦୟ ଦୟାର୍ଦ୍ର, ବଚନ ଅମୃତ ସମ ମଧୁର, କର୍ତ୍ତବ୍ୟ ପରୋପକାର ସେମାନେ ସମସ୍ତଙ୍କ ପାଇଁ ବନ୍ଦନୀୟ ହୋଇଥାନ୍ତି ।

ଏହି ଶ୍ଲୋକରେ ବନ୍ଦନୀୟ ପୁରୁଷଙ୍କ ୪ ଲକ୍ଷଣ କୁହାଯାଇଛି, ଯା' ମଧ୍ୟରୁ ଗୋଟିଏ ଲକ୍ଷଣ ହେଲା – ଅମୃତପୂର୍ଣ୍ଣ ବଚନ ।

**ପ୍ରିୟବାକ୍ୟପ୍ରଦାନେନ ସର୍ବେ ତୁଷ୍ୟନ୍ତି ଜନ୍ତବଃ ।**
**ତସ୍ମାତ୍ତଦେବ ବକ୍ତବ୍ୟଂ ବଚନେ କା ଦରିଦ୍ରତା ॥**

(ଚାଣକ୍ୟନୀତି. ୧୬:୧୭)

ପ୍ରିୟ ବଚନ କହିବା ଦ୍ୱାରା ସକଳ ପ୍ରାଣୀ ପ୍ରସନ୍ନ ହୁଅନ୍ତି । ଏଣୁ ପ୍ରିୟ କଥା ହିଁ କହିବା ଉଚିତ । ବଚନ କହିବାରେ କୃପଣତା କ'ଣ ପାଇଁ କରିବା ? ମଣିଷ ଦାନ ଦେବାରେ କାର୍ପଣ୍ୟ କରିପାରେ, କିନ୍ତୁ ମଧୁର ବଚନ କହିବାରେ କାର୍ପଣ୍ୟ କାହିଁକି କରିବା ? କାରଣ ଏଥିରେ ଖର୍ଚ୍ଚ ତ କିଛି ହୁଏ ନାହିଁ । ବରଂ ମଧୁରଭାଷୀ ବ୍ୟକ୍ତିର ସମସ୍ତେ ଆପଣାର ହୋଇଯାନ୍ତି, ତା' ପାଇଁ କେହି ପର ହୋଇ ରହନ୍ତି ନାହିଁ — '**କଃ ପରଃ ପ୍ରିୟବାଦିନାମ୍ ?**' (ଚାଣକ୍ୟନୀତି. ୩:୧୩) ।

**କାଲେ ଭୁଞ୍ଜୀତ ମଧୁରଂ ସ୍ନିଗ୍ଧଂ ପଥ୍ୟଂ ହିତଂ ମିତମ୍ ।**
**କାଲେ ବ୍ରବୀତ ମଧୁରଂ ପ୍ରିୟଂ ତଥ୍ୟ ହିତଂ ମିତମ୍ ॥**

ମଣିଷ ଉଚିତ ସମୟରେ ମଧୁର, ସ୍ନିଗ୍ଧ, ହିତକାରୀ ଓ ପରିମିତ ଭୋଜନ କରିବା ଉଚିତ । ଏହିଭଳି ବଚନ ମଧ୍ୟ ଉଚିତ ସମୟରେ କହିବା ଉଚିତ ଏବଂ ତାହା ମଧ୍ୟ ମଧୁର, ପ୍ରିୟ, ପରିମିତ, ସତ୍ୟ ଓ ହିତକର ହେବା ଉଚିତ ।

ଏହି ଶ୍ଲୋକରେ ମଧୁର ଓ ପ୍ରିୟ ବଚନ କହିବାର

କଥା ମଧ୍ୟ କୁହାଯାଇଛି । ଅତିଥି-ସତ୍କାର ସମୟରେ ମଧ୍ୟ ମନୁ ମହାରାଜ ନିର୍ଦ୍ଦେଶ ଦେଇଛନ୍ତି —

**ତୃଣାନି ଭୂମିରୁଦକଂ ବାକ୍‌ଚତୁର୍ଥୀ ଚ ସୂନୃତା ।**
**ଏତାନ୍ୟପି ସତାଂ ଗେହେ ନୋଚ୍ଛିଦ୍ୟନ୍ତେ କଦାଚନ ॥**

(ମନୁ. ୨:୧୬୧)

ଅତିଥି-ସତ୍କାର ନିମନ୍ତେ ବସିବା ପାଇଁ ଆସନ, ଉପବେଶନ କିମ୍ବା ଶୟନ ନିମନ୍ତେ ସ୍ଥାନ, ଜଳ ଓ ସତ୍କାରଯୁକ୍ତ ମଧୁର ବଚନ - ଏ ୪ଟି ସଜ୍ଜନଙ୍କ ଗୃହରେ କଦାପି ସମାପ୍ତ ହୁଏ ନାହିଁ । ଏହି ଶ୍ଳୋକରେ ମଧ୍ୟ ମଧୁର ବଚନ ଆଡ଼କୁ ସଂକେତ କରାଯାଇଛି ।

ଏପରି ବଚନ କହନ୍ତୁ ଯଦ୍ଦ୍ୱାରା ମନର ଅଭିମାନ ନଷ୍ଟ ହେବ, ଯାହା ଅନ୍ୟକୁ ଶୀତଳତା ପ୍ରଦାନ କରିବ ଓ ବକ୍ତାକୁ ମଧ୍ୟ ଶୀତଳତା ପ୍ରଦାନ କରିବ । ଫକୀର ମୋହନ ସେନାପତିଙ୍କ ଭାଷାରେ—

ଯେତେ ସୁଖକର ଦ୍ରବ୍ୟ ଅଛି ଜଗତରେ,
କେହି ନୁହେଁ ଶ୍ରେଷ୍ଠ ମିଷ୍ଟ କଥା ସମାନରେ ।
ମିଷ୍ଟ କଥା ନୁହେ ପରା ପାର୍ଥିବ ପଦାର୍ଥ,
ଦେବତାର ଉପଭୋଗ୍ୟ ଅମିୟ ଯଥାର୍ଥ ।

କିନ୍ତୁ ଏଠାରେ ଧ୍ୟାନ ଦେବା ଉଚିତ ଯେ ଛଳ-କପଟ, ଦୁରଭିସନ୍ଧିପୂର୍ଣ୍ଣ ମଧୁର ବଚନ ତ ଯଥାର୍ଥ ମଧୁର ବଚନ ନୁହେଁ ।

ଶୁଣୁଛି ଲୋକଙ୍କ ମୁଖୁଁ କେତେ ମିଷ୍ଟ କଥା,
ସେ ନୁହେ ସରଳ, ପ୍ରବଞ୍ଚନା କପଟତା ।
ସେଥିରେ ତ ହୁଏ ନାହିଁ ଜୀବନ ଶୀତଳ,
ପ୍ରାଣହନ୍ତାରକ ବ୍ୟାଧସଙ୍ଗୀତ କେବଳ ।

(ମିଷ୍ଟକଥା)

ଜଣେ ବ୍ୟକ୍ତିଙ୍କ ମନରେ ଏକ ପ୍ରଶ୍ନ ଉଠିଲା ଯେ ପରମାତ୍ମା ମନୁଷ୍ୟଙ୍କ ଶରୀରର ସାଢ଼େ ତିନି ହାତ ଲମ୍ବା ଢାଞ୍ଚାକୁ ତ ହାଡ଼ ସାହାଯ୍ୟରେ ଠିଆ କରିଦେଲେ, କିନ୍ତୁ ଜିଭରେ ହାଡ଼ କାହିଁକି ଦେଲେ ନାହିଁ? ନିମ୍ନ ଦୃଷ୍ଟାନ୍ତରୁ ହୁଏତ ଆମେ ତା'ର ଉତ୍ତର ପାଇଯିବା ।

ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ଚୀନରେ ଜଣେ ମହାନ୍ ଦାର୍ଶନିକ ଥିଲେ । ତାଙ୍କ ନାମ କନ୍‌ଫୁସିୟସ୍ । ସିଏ ସାରା ଜୀବନ ଶିକ୍ଷା, ଉପଦେଶ ଆଦି ଦ୍ୱାରା ଲୋକଙ୍କୁ ସନ୍ମାର୍ଗକୁ ଆଣିବାକୁ ପ୍ରଯତ୍ନ କରୁଥିଲେ । ଯେତେବେଳେ ତାଙ୍କର ଅନ୍ତିମ ସମୟ ଉପସ୍ଥିତ ହେଲା ଶିଷ୍ୟମାନେ ତାଙ୍କ ଦର୍ଶନ କରିବାକୁ ଆସୁଥାନ୍ତି । ଥରେ ସେ ଉପସ୍ଥିତ ଶିଷ୍ୟଙ୍କୁ ଡାକି କହିଲେ — 'ଦେଖିଲ, ମୋ ପାଟିରେ ଦାନ୍ତ ଅଛି ନା ନାହିଁ?' ସେ ପାଟି ଆଁ କଲେ । ଶିଷ୍ୟମାନେ ପାଟି ଭିତରକୁ ଭଲଭାବେ ଦେଖିଲେ ଏବଂ ତା' ପରେ ଉତ୍ତର ଦେଲେ — 'ଆପଣଙ୍କ ପାଟିରେ ତ ଗୋଟିଏ ବି ଦାନ୍ତ ନାହିଁ ।' ତା' ପରେ ସେ ପୁଣି ପଚାରିଲେ — 'ଆଚ୍ଛା, ଜିଭ ଅଛି ନା ନାହିଁ?' ଶିଷ୍ୟମାନେ ଉତ୍ତର ଦେଲେ — 'ହଁ, ଅଛି ।' ବର୍ତ୍ତମାନ ସନ୍ଥ ପଚାରିଲେ — 'ଜିଭ ଜନ୍ମ ସମୟରେ ମୋ ସାଙ୍ଗରେ ଥିଲା, ଏବେ ପର୍ଯ୍ୟନ୍ତ ଅଛି; କିନ୍ତୁ ଦାନ୍ତ ପରେ ଉତ୍ପନ୍ନ ହେଲା, ଅଥଚ ଆଗ ଝଡ଼ିପଡ଼ିଲା । ଏହାର କାରଣ କ'ଣ?' ଶିଷ୍ୟମାନେ କୌଣସି ଉତ୍ତର ନ ଦେଇ ଚୁପ୍ ରହିଲେ । ସନ୍ଥ କହିଲେ — 'ଏହା ପଛରେ ଏକ ଜୀବନ-ଦର୍ଶନ ଲୁଚି ରହିଛି । ଜିଭ କୋମଳ ସ୍ୱଭାବର । ଏଣୁ ଜନ୍ମରୁ ଆଜି ଯାଏ ସାଙ୍ଗରେ ଅଛି । ଦାନ୍ତ କଠୋର । ଏଣୁ ପରେ ଉତ୍ପନ୍ନ ହୋଇ ସୁଦ୍ଧା ଆଗ ଝଡ଼ିଗଲେ । ଅତଃ ମନେରଖ ବାଣୀ ଦ୍ୱାରା କଠୋର ବଚନ କହିବା ଯେଉଁମାନଙ୍କ ସ୍ୱଭାବ ସେମାନେ ଶୀଘ୍ର ଭାଙ୍ଗିଯାନ୍ତି ଅଥବା ଭାଙ୍ଗିଦିଆଯାଏ, କାହା ସହ ବେଶି ଦିନ ଟିକ୍ତିପାରନ୍ତି ନାହିଁ । ଯେଉଁମାନେ କୋମଳ ବଚନ ପ୍ରୟୋଗ କରନ୍ତି, ସେମାନଙ୍କୁ ଭଙ୍ଗାଯାଏ ନାହିଁ, ସେମାନେ ବିଦ୍ୟମାନ ରହନ୍ତି । ଅତଃ ମଧୁର ବଚନ କହିବା ସ୍ୱଭାବ କରିବା ଉଚିତ ।'

ଅତଃ ପ୍ରଶ୍ନର ସମ୍ଭବତଃ ଉତ୍ତର ହେଲା ଯେ ପରମାତ୍ମାଙ୍କୁ ଏହା ଅଭୀଷ୍ଟ ନ ଥିଲା କି ମନୁଷ୍ୟ ନିଜ ଜିଭ ଦ୍ୱାରା କଠୋର ଶବ୍ଦ ଉଚ୍ଚାରଣ କରୁ । ଏଥିପାଇଁ ପରମାତ୍ମା ମନୁଷ୍ୟର ଜିଭରେ ହାଡ଼ ଖଞ୍ଜିନାହାନ୍ତି ।

କୋଇଲି ବା କାହାକୁ କ'ଣ ଦିଏ ନା କାଉ କାହାଠାରୁ କ'ଣ ନିଏ ? କେବଳ ମଧୁର କୂଜନ ଶୁଣାଇ କୋଇଲି ସଂସାରକୁ ବଶ କରିଦିଏ ଏବଂ କାଉ ନିଜ କର୍କଶ କା-କା ଦ୍ୱାରା ଅନ୍ୟକୁ ବିରାଗ ଭାଜନ କରିଦିଏ, ବିରୋଧୀ କରିଦିଏ । ମଧୁର ବଚନ ଦ୍ୱାରା ସବୁ ଦିଗରୁ ସୁଖ ପ୍ରାପ୍ତ ହୁଏ । ଏହା ବଶୀକରଣ ମନ୍ତ୍ର । ଏଣୁ କଠୋର ବଚନ କହିବା ସ୍ୱଭାବ ପରିତ୍ୟାଗ କର ।

ଗାଳି ଦେବା ବାଣୀର ଏକ ଦୋଷ । କ୍ରୋଧର ବଶୀଭୂତ ହୋଇ ବ୍ୟକ୍ତି ଗାଳି ଦିଏ । ଗାଳି ଦେବା କ୍ରୋଧ ପ୍ରଦର୍ଶନର ହିଁ ଏକ ରୂପ । ବ୍ୟକ୍ତି ଯେତେବେଳେ କ୍ରୋଧ ପ୍ରଦର୍ଶନ କରେ ତ ଗାଳି ଦିଏ । କ୍ରୋଧରେ ବ୍ୟକ୍ତି ଶ୍ରାବ୍ୟ-ଅଶ୍ରାବ୍ୟ ଭୁଲିଯାଏ । ପିଲାମାନେ ଛୋଟ ବୟସରୁ ହିଁ ଗାଳି ଦେବା ଶିଖନ୍ତି । ପରବର୍ତ୍ତୀ ସମୟରେ ତାହା ଅଭ୍ୟାସରେ ପଡ଼ିଯାଏ । ପିଲା ଓ ଅଶିକ୍ଷିତଙ୍କ କଥା କ'ଣ କହିବା, ବଡ଼ ବଡ଼ ଶିକ୍ଷିତ ଲୋକ ବି ଗାଳି ଦିଅନ୍ତି । ଗାଳି ଦେବା ଯେବେ ଅଭ୍ୟାସରେ ପଡ଼ିଯାଏ ସେତେବେଳେ ବ୍ୟକ୍ତି ଗାଳି ଏପରି ଦେଇଯାଏ ଯେ ତାକୁ ଜଣା ମଧ୍ୟ ପଡ଼େନାହିଁ । ଜଣେ ବ୍ୟକ୍ତି ଗାଳି ଦେବାରେ ଅତି ଅଭ୍ୟସ୍ତ ଥିଲେ । ଥରେ ସେ ଗାଳି ଦେଉଥିବା ବେଳେ ଅନ୍ୟ ଜଣେ ତାଙ୍କୁ ସଚେତନ କଲେ କି ତୁମେ ବହୁତ ଗାଳି ଦେଉଛ । ସିଏ ଓଲଟି କହିଲା — 'କୋଉ ବଦମାସ୍ କହୁଛି ଏଇଟା ଗାଳି ବୋଲି ?' ସେ ବ୍ୟକ୍ତି ଗାଳି ଦେବାରେ ଏତେ ଅଭ୍ୟସ୍ତ ଥିଲା ଯେ ତାକୁ ଜଣା ବି ପଡୁନଥିଲା ଯେ ତା'ର ପ୍ରଶ୍ନ ପଚାରିବା ମଧ୍ୟରେ ବି ସିଏ ଗାଳି ପରେ ଗାଳି ଦେଇଚାଲିଛି ।

ମହତ ଲୋକଙ୍କ ପାଇଁ ଗାଳିର ଉତ୍ତର ଗାଳି ନୁହେଁ । ଗାଳିର ଉତ୍ତର ସାମାନ୍ୟ ବ୍ୟକ୍ତି ତ ଗାଳି କି ମାଡ଼ରେ ଦିଅନ୍ତି; କିନ୍ତୁ ଶ୍ରେଷ୍ଠ ବ୍ୟକ୍ତି ଗାଳିର ଉତ୍ତର ଗାଳିରେ ଦିଅନ୍ତି ନାହିଁ । ସେମାନେ ତ ମୌନ ଧାରଣ କରିନିଅନ୍ତି, ଶାନ୍ତ ଚିତ୍ତରେ ଉଚିତ ପ୍ରତିକାର ଅନ୍ୱେଷଣ କରନ୍ତି । ଗାଳିଦାତା ପ୍ରତି ଜଣେ ମହତ ବ୍ୟକ୍ତିଙ୍କ ଭାବନାକୁ କବି କହନ୍ତି —

**ଦଦତୁ ଦଦତୁ ଗାଲିଂ ଗାଲିମନ୍ତୋ ଭବନ୍ତୋ,**
**ବୟମିହ ତଦଭାବାଦ୍‌ଗାଲିଦାନେଽସମର୍ଥାଃ ।**
**ଜଗତି ବିଦିତମେତଦ୍ ଦୀୟତେ ବିଦ୍ୟମାନଂ,**
**ନ ହି ଶଶକବିଷାଣଂ କୋଽପି କସ୍ମୈ ଦଦାତି ॥**

ଆପଣ ଗାଳି ଦିଅନ୍ତୁ, କାରଣ ଆପଣଙ୍କ ପାଖରେ ଗାଳି ଅଛି । ଆମ ପାଖରେ ନାହିଁ । ଏଣୁ ଆମେ ଦେଇପାରିବୁ ନାହିଁ । ସଂସାରରେ ପ୍ରସିଦ୍ଧ ଯେ ଯାହା ପାଖରେ ଯାହା ଥାଏ, ସିଏ ତାହା ହିଁ ଦେଇପାରେ । ଠେକୁଆର ଶିଙ୍ଗ ତ କେହି କାହାକୁ ଦେଇପାରେ ନାହିଁ ।

ଗାଳି ଦେବାର ଅଭ୍ୟାସ ଛାଡ଼ିବା ପାଇଁ ଅତ୍ୟନ୍ତ ସତର୍କତାର ଆବଶ୍ୟକତା ଅଛି । ବ୍ୟକ୍ତି ବହୁତ ସାବଧାନ ହେଲେ ଯାଇ ଏହି ସ୍ୱଭାବକୁ ଛାଡ଼ିପାରେ । ଅନ୍ୟଥା ଅନେକ ଥର ଏହି ଅଭ୍ୟାସ କାରଣରୁ ବ୍ୟକ୍ତିକୁ ବହୁତ ଅପମାନିତ ହେବାକୁ ପଡ଼ିଥାଏ । ଏହି ସ୍ୱଭାବ କାରଣରୁ କାହାରି-କାହାରି ଜୀବନ ଚାଲିଯିବା କଥା ବି ଶୁଣିବାକୁ ମିଳେ ।

ଆମେ ଆଲୋଚନା କଲେ କି ଏହି ଶକ୍ତିଶାଳିନୀ ବାଣୀ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ସଂସାରର କଲ୍ୟାଣ ଓ ଅକଲ୍ୟାଣ ଉଭୟ କରିପାରେ । ଏହାର ସମ୍ୟକ୍ ଓ ମଧୁର ରୂପ ଦ୍ୱାରା ସଂସାରର କଲ୍ୟାଣ ହୋଇଥାଏ ଏବଂ କଟୁ ରୂପ ଦ୍ୱାରା ସଂସାରରେ ବିଗ୍ରହ ଓ କଳହ ବଢ଼ିଥାଏ, ଅଶାନ୍ତି ଓ ଅକଲ୍ୟାଣ ହୋଇଥାଏ । ଏ ସଂସାର ମଧୁର ବାଣୀ ପ୍ରଭାବରେ ସ୍ୱର୍ଗ ହୋଇପାରେ ଏବଂ କଟୁବାଣୀ ପ୍ରୟୋଗରେ ନର୍କ ସମ ଦୁଃଖଦାୟୀ ମଧ୍ୟ ଏହାକୁ କରାଯାଇପାରେ । ବାଣୀ ସଂସାରରେ ଅମୃତ ମଧ୍ୟ ବର୍ଷା କରିପାରେ ଓ କଟୁ ହୋଇ ଏହା ବିଷ ମଧ୍ୟ ବମନ କରିପାରେ । ମନୁଷ୍ୟ ନିଜକୁ ମଧୁର କରିବ କି କଟୁ, ଏହା ତା'ର ବଚନ ଉପରେ ନିର୍ଭର କରେ । ଅତଃ ମଧୁର ବଚନ ଗ୍ରାହ୍ୟ ଓ କଟୁ ବଚନ ତ୍ୟାଜ୍ୟ ।

**୨. ଅନୃତ ଅର୍ଥାତ୍ ମିଥ୍ୟାଭାଷଣ —** ଅସତ୍ୟଭାଷଣ ବାଣୀର ଦ୍ୱିତୀୟ ପ୍ରମୁଖ ଦୋଷ । ସତ୍ୟ ହେଲା ବାଣୀର ଆଭୂଷଣ । ସତ୍ୟଭାଷଣ ଦ୍ୱାରା ମନୁଷ୍ୟର ସମ୍ମାନ ବଢ଼େ । ଲୋକେ ତାକୁ ବିଶ୍ୱାସ କରନ୍ତି ।

ସତ୍ୟବାଦୀଙ୍କୁ ଲୋକେ ଶ୍ରଦ୍ଧା-ଦୃଷ୍ଟିରେ ଦେଖନ୍ତି । ସତ୍ୟର ବହୁତ ମହିମା । ସତ୍ୟକୁ ଆପଣେଇବା ଦ୍ୱାରା ମନୁଷ୍ୟ-ସମାଜର ବହୁତ ସମସ୍ୟାର ସମାଧାନ ହୋଇଯାଏ, ଯାହାକି ମିଛ କହିବା ଦ୍ୱାରା ଜଟିଳ ହୋଇଥାଏ । ବୈଦିକ ସାହିତ୍ୟରେ ସତ୍ୟର ମହିମାର ପ୍ରତିପାଦନ ବହୁତ ସୁନ୍ଦର ରୀତିରେ କରାଯାଇଛି—

**ସୁବିଜ୍ଞାନଂ ଚିକିତୁଷେ ଜନାୟ ସଚ୍ଚାସଚ୍ଚ ବଚସୀ ପସ୍ପୃଧାତେ ।**
**ତୟୋର୍ୟତ୍‌ସତ୍ୟଂ ଯତରଦୃଜୀୟସ୍ତଦିତ୍-ସୋମୋଽବତି ହନ୍ତ୍ୟାସତ୍ ॥** (ଋକ୍. ୭:୧୦୪:୧୨)

ଯେଉଁ ସତ୍ୟ ଓ ଅସତ୍ୟ ବଚନକୁ ପରସ୍ପରବିରୁଦ୍ଧ କୁହାଯାଏ ତାହାକୁ ବିଦ୍ୱାନ୍ ଲୋକେ ସହଜରେ ବୁଝିପାରନ୍ତି । ସେ ଉଭୟ ମଧ୍ୟରୁ ଯାହା ସତ୍ୟ ତଥା ଯାହା ସରଳ ଅର୍ଥାତ୍ ସିଧା ସ୍ୱଭାବରେ କୁହାଯାଏ, ତାକୁ ପରମାତ୍ମା ରକ୍ଷା କରନ୍ତି ଏବଂ ଯାହା କପଟ ଭାବରେ କୁହାଯାଇଥିବା ମିଥ୍ୟା କଥା ତାକୁ ତ୍ୟାଗ କରନ୍ତି । ଏହିପରି—

**ଦୃଷ୍ଟ୍ୱା ରୂପେ ବ୍ୟାକରୋତ୍ ସତ୍ୟାନୃତେ ପ୍ରଜାପତିଃ । ଅଶ୍ରଦ୍ଧାମନୃତେଽଦଧାଚ୍ଛ୍ରଦ୍ଧାଂ ସତ୍ୟେ ପ୍ରଜାପତିଃ ॥** (ଯଜୁ. ୧୯:୭୭)

ପ୍ରଜାପତି ପରମାତ୍ମା ସତ୍ୟ ଓ ଅସତ୍ୟକୁ ବିଚାର କରି ସତ୍ୟ ଓ ଅସତ୍ୟକୁ ଅଲଗା-ଅଲଗା କରିଛନ୍ତି । ସିଏ ମିଥ୍ୟାରେ ଅଶ୍ରଦ୍ଧା ଓ ସତ୍ୟରେ ଶ୍ରଦ୍ଧାକୁ ସ୍ଥାପିତ କରିଛନ୍ତି । ନିଷ୍କର୍ଷ ଏହା ହେଲା ଯେ ମନୁଷ୍ୟ ସତ୍ୟରେ ଶ୍ରଦ୍ଧା ରଖିବା ଉଚିତ ଏବଂ ଅସତ୍ୟ ପ୍ରତି ଅଶ୍ରଦ୍ଧା ରଖିବା ଉଚିତ ।

ଅନେକ କାରଣରୁ ଆମେ ମିଛ କହିଥାଉ । ଅନେକ ସମୟରେ ବ୍ୟକ୍ତି ବିନା ବୁଝି-ବିଚାରି କୌଣସି କଥା କହିଦିଏ । ଏମିତି କାହିଁକି କହିଲ ବୋଲି ପଚାରିଲେ ଅପମାନ, ଦଣ୍ଡରୁ ରକ୍ଷା ପାଇବା ପାଇଁ ମିଛ କହିଦିଏ କି ମୁଁ ଏପରି କହିନାହିଁ । କୌଣସି ବ୍ୟକ୍ତି କାହାକୁ ଧାର ମାଗିବାକୁ ଆସେ ତ ଧାର ଦେବାକୁ ଚାହୁଁ ନ ଥିଲେ ଋଣଦାତା ବ୍ୟକ୍ତି ଧାର ନ ଦେବା ପାଇଁ ମିଛ କହିଦିଏ କି ମୋ ପାଖରେ ପଇସା ନାହିଁ । ଅନେକ ଥର କୌଣସି ବ୍ୟକ୍ତି ନିନ୍ଦିତ କର୍ମ କରିଦିଏ ଏବଂ ଅପମାନରୁ ରକ୍ଷା ପାଇବା ପାଇଁ ମିଛ କହିଦିଏ ଯେ ମୁଁ ଏପରି କରିନାହିଁ । ଅନେକ ସମୟରେ ଦଣ୍ଡରୁ ରକ୍ଷା ପାଇବା ପାଇଁ ମଧ୍ୟ ବ୍ୟକ୍ତି ମିଛ କହିଦିଏ ଯେ ମୁଁ ଏପରି କରିନାହିଁ । ଅନେକ ଥର ନିଜ କାମ ହାସଲ କରିବା କରିବା ପାଇଁ ବ୍ୟକ୍ତି ସମୟ ଓ ପରିସ୍ଥିତି ଅନୁକୂଳ ମିଛ କହିଦିଏ । ଋଣ ନେଇ ପରିଶୋଧ କରିପାରୁନଥିବା ବ୍ୟକ୍ତି ପ୍ରାୟ ମିଛ ବାହାନା କରୁଥାଏ । ଅନେକ ଥର ବ୍ୟକ୍ତି ଅନ୍ୟର କ୍ରୋଧରୁ ରକ୍ଷା ପାଇବା ପାଇଁ ମିଛ କହିଦିଏ । ଅନେକ ସମୟରେ କୌଣସି କଥା ପଚାରିଲେ ନ କହିବାର ଇଚ୍ଛା ଥିଲେ ବ୍ୟକ୍ତି ମିଛ କହିଦିଏ ଯେ ମୋତେ ଜଣାନାହିଁ । ଅନେକ ସମୟରେ ସତ୍ୟକୁ ଜିତାଇବା ପାଇଁ ମଧ୍ୟ ମିଛ କୁହାଯାଇଥାଏ । ଅନେକ ବ୍ୟକ୍ତିଙ୍କର ମିଛ କହିବାର ଏପରି ଅଭ୍ୟାସ ହୋଇଯାଇଥାଏ ଯେ ମିଛ ନ କହିଲେ ସେମାନଙ୍କର ଖାଦ୍ୟ ହଜମ ହୁଏ ନାହିଁ । ଯଦି କାହାରି କାମ କରିବାର ଇଚ୍ଛା ନଥାଏ ତ ବ୍ୟକ୍ତି ଅନେକ ମିଛ ବାହାନା କରିଥାଏ ।

ଯଦି ବ୍ୟକ୍ତି ଆତ୍ମୋନ୍ନତି କରିବାକୁ ଚାହେଁ ତେବେ ତାକୁ ମିଛ କହିବାରୁ ଦୂରେଇ ରହିବାକୁ ପଡ଼ିବ । ସତ୍ୟ-ପାଳନ ଏକ କଠୋର ବ୍ରତ । ସତ୍ୟ ଉପରେ ଚାଲିବା କୌଣସି ପିଲାଖେଳ ନୁହେଁ । ସର୍ବଦା ସତ୍ୟନିଷ୍ଠ ବ୍ୟକ୍ତି ତ ସଂସାରରେ ବିରଳ ହୋଇଥାନ୍ତି । କିନ୍ତୁ ଯେତେଦୂର ସମ୍ଭବ ବ୍ୟକ୍ତି ସତ୍ୟର ପାଳନ କରିବା ଉଚିତ । ଉପର୍ଯ୍ୟୁକ୍ତ ସକଳ ପରିସ୍ଥିତିରୁ ବଞ୍ଚିବା ବହୁତ କଷ୍ଟକର । ହଁ, ଯଦି କୌଣସି ଆତ୍ମଶକ୍ତିବାନ୍ ବ୍ୟକ୍ତି ବଞ୍ଚିବାକୁ ଚାହେଁ ତେବେ ସତର୍କ-ସାବଧାନ ହୋଇ କଥା କହିଲେ ଏସବୁ ପରିସ୍ଥିତିରେ ମିଥ୍ୟାଭାଷଣରୁ ରକ୍ଷା ପାଇଯାଇପାରେ । ଆମେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟାରେ ଅସତ୍ୟଭାଷଣରୁ ରକ୍ଷାପାଇବାର କିଛି ଉପାୟ ଏଠାରେ ଲେଖାଯାଉଛି—

**ଅବଶିଷ୍ଟାଂଶ ୧୬ ପୃଷ୍ଠାରେ....**

পর্ব্বপরিচয়:

# ଶ୍ରାବଣୀ ଉପାକର୍ମ (ଋଷିତର୍ପଣ)

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ଭାରତୀୟ ପର୍ବମାନଙ୍କ ମଧ୍ୟରେ 'ଶ୍ରାବଣୀ ଉପାକର୍ମ' ଏକ ମହାନ୍ ପର୍ବ। ଏହି ପର୍ବର ନାମ ଶ୍ରାବଣୀ ଏଇଥି ପାଇଁ ଯେ ଶ୍ରବଣା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମାରେ ଏହି ପର୍ବ ପାଳିତ ହୁଏ। ଏହାର ସର୍ବପ୍ରାଚୀନ ନାମ ଶ୍ରାବଣୀ ଉପାକର୍ମ ହୋଇଥିଲେ ସୁଦ୍ଧା ପରବର୍ତ୍ତୀ କାଳରେ ଏହା ଶ୍ରାବଣୀ ଉପାକର୍ମ ଅପେକ୍ଷା ରକ୍ଷାବନ୍ଧନ, ଗହ୍ମାପୂର୍ଣ୍ଣିମା ଆଦି ନାମରେ ସମାଜରେ ବେଶୀ ପରିଚିତ ହୋଇଛି।

ଭାରତ ବର୍ଷାବହୁଳ ତଥା କୃଷିପ୍ରଧାନ ଦେଶ। ଦେଶର ଅଧିକାଂଶ ଜନତା ଆଷାଢ଼ ଓ ଶ୍ରାବଣରେ କୃଷିକାର୍ଯ୍ୟରେ ବିଶେଷ ରୂପେ ବ୍ୟସ୍ତ ରହନ୍ତି। ବର୍ଷା ଠିକ୍ ସମୟରେ ହେଲେ ଚାଷର ଭିଡ଼ କାମ ବୁଣା-ରୁଆ-ବେଉଷଣ ଆଦି ଆଷାଢ଼ରେ ଆରମ୍ଭ ହୋଇ ଶ୍ରାବଣ ମାସର ଶେଷ ସୁଦ୍ଧା ପ୍ରାୟ ସମାପ୍ତ ହୋଇଯାଏ। ଏ ସମୟରେ ବର୍ଷା ଲାଗି ରହିଥିବା ଯୋଗୁଁ ରୁଆ-ରୋଇ ପରେ ଗାଆଁର ଚାଷୀମାନଙ୍କ ହାତରେ ବିଶେଷ କାମ ରହୁନଥିଲା। ନୂଆ ଫସଲ ବଜାରକୁ ଆସୁ ନ ଥିବାରୁ ବ୍ୟାପାରୀବର୍ଗଙ୍କ ହାତରେ ବି ବର୍ଷାଦିନେ ବ୍ୟସ୍ତ କାମ ରହୁନଥିଲା। ଆମ ଦେଶରେ ନଦୀ-ନାଳ ମଧ୍ୟ ବହୁତ ତଥା ବର୍ଷାଦିନେ ନଈ-ନାଳ ପାଣିରେ ଭରିଯାଏ। ଏଣୁ କ୍ଷତ୍ରିୟବର୍ଗ ମଧ୍ୟ ଦିଗ୍‌ବିଜୟ ଯାତ୍ରାରୁ ବିରତ ରହୁଥିଲେ। ବର୍ଷା କାରଣରୁ ସାଧୁ-ସନ୍ନ୍ୟାସୀଗଣ ମଧ୍ୟ ବଣ-ଜଙ୍ଗଲର ଏକାନ୍ତ ବାସ ଛାଡ଼ି ଗ୍ରାମର ଉପକଣ୍ଠରେ ଆସି ଅବସ୍ଥାନ କରୁଥିଲେ। ଚାରିମାସ ପର୍ଯ୍ୟନ୍ତ ଏକ ସ୍ଥାନରେ ବେଦପଠନ, ଧର୍ମୋପଦେଶ ଓ ଜ୍ଞାନଚର୍ଚ୍ଚାରେ ସାଧନାରେ ରତ ରହୁଥିଲେ। ଏହି ସମୟକୁ ଚାତୁର୍ମାସ୍ୟ କୁହାଯାଉଥିଲା।

ଏହି ସମୟରେ ଆମ ଦେଶର ସମସ୍ତ ଜନତା ମୁଖ୍ୟତଃ ସ୍ୱାଧ୍ୟାୟରେ ସମୟ ଅତିବାହିତ କରୁଥିଲେ। ସ୍ୱାଧ୍ୟାୟ ଭାରତୀୟ ସଂସ୍କୃତିର ପ୍ରଧାନ ଅଙ୍ଗ ହୋଇରହିଛି। ମନୁ ସ୍ୱାଧ୍ୟାୟକୁ ଦୈନିକ କର୍ତ୍ତବ୍ୟ ଅଭିହିତ କରି ଲେଖିଛନ୍ତି ଯେ ଅନ୍ୟ କୌଣସି କର୍ମରେ ଅନଧ୍ୟାୟ (ଅବକାଶ) ହୋଇଯାଉ ପଛକେ ସ୍ୱାଧ୍ୟାୟରେ କେବେ ବି ଅବକାଶ ନ ହେବା ଉଚିତ — **'ବେଦୋପକରଣେ ଚୈବ ସ୍ୱାଧ୍ୟାୟେ ଚୈବ ନୈତ୍ୟକେ। ନାନୁରୋଧୋ-ଽସ୍ତ୍ୟନଧ୍ୟାୟେ'** (ମନୁ. ୨:୧୦୫)। ସ୍ୱାଧ୍ୟାୟ ପ୍ରତ୍ୟେକ ବ୍ୟକ୍ତି ପାଇଁ ଆବଶ୍ୟକ ବୋଲି ହିଁ କେବଳ ସେ କହିନାହାନ୍ତି, ବରଂ ସ୍ୱାଧ୍ୟାୟକୁ ପରମ-ତପ ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ମତରେ ଯେଉଁ ବ୍ୟକ୍ତି ପ୍ରତିଦିନ ବେଦର ସ୍ୱାଧ୍ୟାୟ କରେ ସିଏ ନଖରୁ ଶିଖ ଯାଏ ତପସ୍ୟା କରେ (ମନୁ. ୨:୧୬୬,୧୬୭)। ସ୍ୱାଧ୍ୟାୟ ଠାରୁ ବଳି ତପ ଆଉ କିଛି ନାହିଁ। କାରଣ ସ୍ୱାଧ୍ୟାୟ କରିବା ଦ୍ୱାରା ଋଷିମାନଙ୍କ ଉପଦିଷ୍ଟ ଜ୍ଞାନ ସହ ସଙ୍ଗତି ହୋଇଥାଏ ଏବଂ ଏସବୁ ସଦ୍‌ବିଚାର ଦ୍ୱାରା ଏପରି ମନୋବଳ ମିଳେ ଯାହାର ଆଶ୍ରୟରେ ସନ୍ମାର୍ଗରୁ ବିଚ୍ୟୁତ କରୁଥିବା ଅବିଦ୍ୟା, କୁବିଚାର ରୂପୀ ଆସୁରୀ ବୃତ୍ତିର ପ୍ରତିରୋଧ ଓ ମୂଳୋତ୍ପାଟନ କରିବାରେ ବ୍ୟକ୍ତି ସମର୍ଥ ହୋଇଯାଏ। ସ୍ନାନାଦି ଦ୍ୱାରା ହେଉଥିବା ଶରୀର ଶୁଦ୍ଧି ଭଳି ସ୍ୱାଧ୍ୟାୟ ଦ୍ୱାରା ମାନସିକ ଓ ବୌଦ୍ଧିକ ଶୁଦ୍ଧି ହୋଇଯାଏ।

ବୈଦିକ ସଂସ୍କୃତିରେ ସ୍ୱାଧ୍ୟାୟକୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇ ଚତୁରାଶ୍ରମରେ ସତତ ଅନୁଷ୍ଠୀୟମାନ କର୍ମ ବୋଲି ବିଧାନ କରାଯାଇଛି।

ମାନବର ପ୍ରଥମ ଆଶ୍ରମ ବ୍ରହ୍ମଚର୍ଯ୍ୟ। ବେଦର ଅଧ୍ୟୟନ ହିଁ ଏହି ଆଶ୍ରମର ମୁଖ୍ୟ କର୍ତ୍ତବ୍ୟ। ବେଦାଧ୍ୟୟନ କରୁଥିବା କାରଣରୁ ହିଁ ପ୍ରଚୀନ କାଳରେ ବ୍ରହ୍ମଚର୍ଯ୍ୟ କାଳକୁ ବ୍ରାହ୍ମଜନ୍ମ କୁହାଯାଉଥିଲା। ବ୍ରହ୍ମଚାରୀ ପାଇଁ ଆଦେଶ ରହିଛି— **'ଆଚାର୍ଯ୍ୟାଧୀନୋ ବେଦମଧୀଷ୍ୱ'** (ଆଶ୍ୱ. ୧:୨୨:୨) — ଆଚାର୍ଯ୍ୟଙ୍କ ଅଧୀନରେ ରହି ତାଙ୍କରି ମାର୍ଗଦର୍ଶନରେ ବେଦାଧ୍ୟୟନ କରିଚାଲ। ଦ୍ୱିତୀୟ ଆଶ୍ରମ ଗୃହସ୍ଥାଶ୍ରମ। ସ୍ୱାଧ୍ୟାୟର ମହତ୍ତ୍ୱ ତଥା ଉପଯୋଗିତାକୁ ଧ୍ୟାନରେ ରଖି ହିଁ ବ୍ରହ୍ମଚର୍ଯ୍ୟାଶ୍ରମର ସମାପ୍ତିରେ, ଯେଉଁ ସମୟରେ ଶିଷ୍ୟ ଶିକ୍ଷା ସମାପ୍ତ କରି ଦ୍ୱିତୀୟ ଆଶ୍ରମରେ ପ୍ରବେଶ କରିବାର ଅଧିକାରୀ ସ୍ନାତକ ହୋଇଯାଉଥିଲା, ସମାବର୍ତ୍ତନ ସମୟରେ ଶିଷ୍ୟର ସର୍ବାତିଶୟ ହିତଚିନ୍ତନ କରି ସ୍ନାତକକୁ ଆଚାର୍ଯ୍ୟ ଉପଦେଶ ଦିଅନ୍ତି— **'ସ୍ୱାଧ୍ୟାୟାନ୍ମା ପ୍ରମଦଃ'। 'ସ୍ୱାଧ୍ୟାୟପ୍ରବଚନାଭ୍ୟାଂ ନ ପ୍ରମଦିତବ୍ୟମ୍'** (ତୈତ୍ତି. ୧:୧୧) — ହେ ପ୍ରିୟ ଶିଷ୍ୟ! ବିଦ୍ୟାର୍ଥୀ ଅବସ୍ଥାରେ ଯାହା କିଛି ବେଦାନୁକୂଳ ଶିକ୍ଷା ଗ୍ରହଣ କରିଛ, ତାକୁ ଭୁଲିଯାଅ ନାହିଁ। ଗୃହସ୍ଥାଶ୍ରମରେ ସାଂସାରିକ କାର୍ଯ୍ୟରେ ସଂଲଗ୍ନ ରହି ବି କିଛି ସମୟ ବାହାର କରି ଅବଶ୍ୟ ସ୍ୱାଧ୍ୟାୟ କର, ଏଥିରେ କେବେ ବି ପ୍ରମାଦ କରନାହିଁ। ଆହରିତ ଜ୍ଞାନକୁ ନିରନ୍ତର ବିତରଣ କରିବା ପାଇଁ ପ୍ରବଚନ କର। ଇନ୍ଧନ ଦେଇଚାଲିଲେ ଯେପରି ପ୍ରଜ୍ୱଳିତ ଅଗ୍ନି ନିରନ୍ତର ଜଳୁଥାଏ ଏବଂ ଇନ୍ଧନ ସମାପ୍ତ ହେଲେ ନିର୍ବାପିତ ହୋଇଯାଏ, ସହିପରି ସ୍ୱାଧ୍ୟାୟ ଓ ପ୍ରବଚନ ରୂପକ ଇନ୍ଧନ ଦ୍ୱାରା ହିଁ ଜ୍ଞାନାଗ୍ନି ଜାଗ୍ରତ ରହେ ଏବଂ ଏ ଇନ୍ଧନ ବିନା ଜ୍ଞାନାଗ୍ନି ବି ଶାନ୍ତ ହୋଇଯାଏ। ଅତଃ ସ୍ୱାଧ୍ୟାୟ ଓ ପ୍ରବଚନ କେବେବି ଛାଡ଼ିବା ଅନୁଚିତ। ଗୃହସ୍ଥାଶ୍ରମ ପରେ ବାନପ୍ରସ୍ଥ ଆଶ୍ରମରେ ବି ତ ସ୍ୱାଧ୍ୟାୟ ବିଶେଷ କର୍ତ୍ତବ୍ୟ। ସେଥିପାଇଁ ମନୁଙ୍କ ଆଦେଶ ହେଲା— **'ସ୍ୱାଧ୍ୟାୟେ ନିତ୍ୟୟୁକ୍ତଃ ସ୍ୟାଦ୍‌ଦାନ୍ତୋ ମୈତ୍ରଃ ସମାହିତଃ'** (ମନୁ. ୬:୮) — ବାନପ୍ରସ୍ଥୀ ଜିତେନ୍ଦ୍ରିୟ, ମିତ୍ରଭାବାପନ୍ନ ହୋଇ ସ୍ୱାଧ୍ୟାୟରେ ସଦା ସଂଯୁକ୍ତ ରହିବେ। ସନ୍ନ୍ୟାସୀ ପାଇଁ ମଧ ବୈଦିକ ନିର୍ଦ୍ଦେଶ ରହିଛି— **'ସଂନ୍ୟସେତ୍ ସର୍ବକର୍ମାଣି ବେଦମେକନ୍ନ ସଂନ୍ୟସେତ୍'** — ସନ୍ନ୍ୟାସୀ ଆଉ ସବୁ ଛାଡ଼ିଦେବେ; କିନ୍ତୁ ବେଦର ସ୍ୱାଧ୍ୟାୟ କେବେ ବି ପରିତ୍ୟାଗ କରିବେ ନାହିଁ।

ସ୍ୱାଧ୍ୟାୟ ଉପରେ ଏତେ ଗୁରୁତ୍ୱ ଦେବାର କାରଣ ହେଲା ଅନ୍ନ ଭୋଜନ ଯେପରି ଶାରୀରିକ ସ୍ୱାସ୍ଥ୍ୟର କାରଣ ସେହିପରି ସ୍ୱାଧ୍ୟାୟ ଦ୍ୱାରା ପ୍ରାପ୍ତ ଜ୍ଞାନ ମାନସିକ ଉତ୍କର୍ଷର କାରଣ। ମାନସିକ ଉନ୍ନତି ଆତ୍ମିକ ଉନ୍ନତିର ସୋପାନ । ଅତଃ ଶରୀର ପାଇଁ ଅନ୍ନାହାର ଭଳି ମାନସିକ ସ୍ୱାସ୍ଥ୍ୟ ପାଇଁ ସ୍ୱାଧ୍ୟାୟ ଏକାନ୍ତ ଅପରିହାର୍ଯ୍ୟ। ମାନବ ଜୀବନର ଚରମ ଲକ୍ଷ୍ୟ - ମୋକ୍ଷପ୍ରାପ୍ତି, ତ୍ରିବିଧ ଦୁଃଖର ବନ୍ଧନରୁ ମୁକ୍ତ ହୋଇ ଈଶ୍ୱରୀୟ ନିତ୍ୟ ଆନନ୍ଦରେ ବିଚରଣ କରିବା। ସ୍ୱାଧ୍ୟାୟ ବଳରେ ଜ୍ଞାନସ୍ରୋତ ଏପରି ପ୍ରବାହିତ ହୁଏ ଯେ ନିର୍ଭ୍ରାନ୍ତ ସତ୍ୟ-ଜ୍ଞାନର ପ୍ରକାଶରେ ଅବିଦ୍ୟା, ଭ୍ରମ, ମିଥ୍ୟାଜ୍ଞାନ ନଷ୍ଟ ହୋଇଯାଏ। ସ୍ୱାଧ୍ୟାୟର ସାତତ୍ୟ ଦ୍ୱାରା ମନୁଷ୍ୟର ମାନସ-ମୁକୁର ଦର୍ପଣ ସମ ସ୍ୱଚ୍ଛ ଓ ପାରଦର୍ଶୀ ହୋଇଯାଏ। ବେଦାଦି ସଦ୍‌ଗ୍ରନ୍ଥର ଗହନ ସ୍ୱାଧ୍ୟାୟ ଦ୍ୱାରା ଈଶ୍ୱରଙ୍କ ଉପାସନା, ସାଧନା ଆଦି ପ୍ରତି ଅଭିରୁଚି ବି ବଢ଼େ। ସ୍ୱାଧ୍ୟାୟ ଦ୍ୱାରା ବ୍ୟକ୍ତିକୁ ପରମପୁରୁଷଙ୍କ ସାକ୍ଷାତ୍‌କାରର ଯୋଗ୍ୟତା ପ୍ରାପ୍ତ କରିବାରେ ସଫଳତା ମିଳେ — **'ସ୍ୱାଧ୍ୟାୟାଦିଷ୍ଟଦେବତାସମ୍ପ୍ରୟୋଗଃ'** (ଯୋଗ. ୨:୪୪)। ଏହି କଥା ମହର୍ଷି ବ୍ୟାସ ଯୋଗଦର୍ଶନର ଭାଷ୍ୟରେ ଲେଖିଛନ୍ତି — **'ସ୍ୱାଧ୍ୟାୟଯୋଗସମ୍ପତ୍ତ୍ୟା ପରମାତ୍ମା ପ୍ରକାଶତେ'** (ଯୋଗ. ବ୍ୟାସ. ୧:୨୮) — ସ୍ୱାଧ୍ୟାୟ ଓ ଯୋଗସାଧନା ଦ୍ୱାରା ଅନ୍ତରାତ୍ମାରେ ପରମାତ୍ମାଙ୍କ ପ୍ରକାଶର ଉପଲବ୍ଧି ହୁଏ।

ଏଣୁ ବର୍ଷା ସମୟରେ ଚାରି ମାସ ସାରା ଦେଶ— ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସୀ, ବ୍ରାହ୍ମଣ, କ୍ଷତ୍ରିୟ,

ବୈଶ୍ୟ, ଶୂଦ୍ର— ସମସ୍ତେ ସ୍ୱାଧ୍ୟାୟରେ ସଂଲଗ୍ନ ରହୁଥିଲେ । ସମସ୍ତ ନର-ନାରୀ, ପଠିତ-ଅପଠିତ ଯଥାସମୟରେ ସ୍ୱ-ସ୍ୱ କର୍ମରୁ ନିବୃତ୍ତ ହୋଇ ପ୍ରତି ଗ୍ରାମ ଉପକଣ୍ଠରେ ଅବସ୍ଥାନ କରୁଥିବା ସାଧୁ-ସନ୍ଥ-ମହାତ୍ମାଙ୍କ ନିକଟରେ ସମବେତ ହୋଇ ଶାସ୍ତ୍ର-ଶ୍ରବଣ, ଶଙ୍କା-ସମାଧାନରେ ରତ ରହି ସମୟ-ସୁଯୋଗର ସଦୁପଯୋଗ କରୁଥିଲେ । ଏଭଳି ଭାବରେ ଏ ସମୟରେ ସମଗ୍ର ଦେଶରେ ସାମୂହିକ-ଶିକ୍ଷାର ଏକ ବିଶେଷ ସତ୍ର ଚାଲୁଥିଲା ।

ଯେଉଁ ଦିନ ଠାରୁ ଏହି ବିଶେଷ ବେଦ-ସ୍ୱାଧ୍ୟାୟ ସତ୍ରର ଉପକ୍ରମ ବା ପ୍ରାରମ୍ଭ କରାଯାଉଥିଲା ତାକୁ ଉପାକର୍ମ କୁହାଯାଉଥିଲା । ପାରସ୍କର ଗୃହ୍ୟସୂତ୍ର (୨:୧୦:୧) — **'ଅଥାତୋଽଧ୍ୟାୟୋପାକର୍ମ ।'**ର ଭାଷ୍ୟ ଅନୁସାରେ ଏହା **'ଅଧ୍ୟାୟସ୍ୟ ଅଧ୍ୟୟନସ୍ୟ ଉପାକର୍ମ ଉପାକରଣମ୍'**— ଏ ସମୟ ସ୍ୱାଧ୍ୟାୟର ଉପାକରଣ ଥିଲା । 'ଉପ' ଅର୍ଥାତ୍ ସମୀପ, 'ଆକରଣ' ଅର୍ଥାତ୍ ଆଣିବା । ଅତଃ ଏ କର୍ମ ଉପାକରଣ ଅର୍ଥାତ୍ ସାଧାରଣ ଜନତାଙ୍କୁ ଋଷି-ମୁନି, ମନୀଷୀ-ବିଚାରକଙ୍କ ସମୀପକୁ ନେଇ ଆସୁଥିଲା । ଅନ୍ୟ ଭାଷାରେ କହିଲେ ଏହା ଏପରି କର୍ମ ଥିଲା ଯାହାକି ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶର ମୂର୍ଦ୍ଧନ୍ୟ ବିଚାରକ-ମନୀଷୀଙ୍କ ବିଚାରଧାରାର ପ୍ରବାହରେ ପ୍ରବାହିତ ହେବା ପାଇଁ ପ୍ରେରଣା ଦେଉଥିଲା । ଏଣୁ ଏହାକୁ ଉପାକର୍ମ କୁହାଯାଉଥିଲା । ପାରସ୍କର ଗୃହ୍ୟସୂତ୍ର (୨:୧୦:୨) — **'ଓଷଧୀନାଂ ପ୍ରାଦୁର୍ଭାବେ ଶ୍ରବଣେନ ଶ୍ରାବଣ୍ୟାଂ ପୌର୍ଣ୍ଣମାସ୍ୟାଂ...'** ଅନୁସାରେ ଶ୍ରାବଣ ମାସରେ ଓଷଧିଗୁଡ଼ିକର ଉତ୍ପତ୍ତି ହେବା ପରେ ପୂର୍ଣ୍ଣିମାରୁ ଏହି ବେଦ-ସ୍ୱାଧ୍ୟାୟ ସତ୍ରର ଉପକ୍ରମ ହେଉଥିବାରୁ ଏହାକୁ ଶ୍ରାବଣୀ ଉପାକର୍ମ କୁହାଯାଏ ।

ଏ ପର୍ବର ଏକ ନାମ ଋଷିତର୍ପଣ ମଧ୍ୟ । ଯେଉଁ କର୍ମ ଦ୍ୱାରା କାହାରିକୁ ତୃପ୍ତ କରାଯାଏ ତାହାକୁ ତର୍ପଣ କହନ୍ତି । ଏଣୁ ଋଷିତର୍ପଣର ଅର୍ଥ ଋଷିମାନଙ୍କ ତୃପ୍ତିକାରକ କର୍ମ । ଯେଉଁ ବସ୍ତୁ ଓ କର୍ମ ଯାହାର ପ୍ରିୟ ତାହା ଦ୍ୱାରା ସେହି ବ୍ୟକ୍ତିର ପୂଜା ଓ ତୃପ୍ତିସାଧନ ବା ତର୍ପଣ ହୋଇଥାଏ । **'ଋଷୟୋ ମନ୍ତ୍ରଦ୍ରଷ୍ଟାରଃ', 'ଋଷିର୍ଦର୍ଶନାତ୍'**(ନିରୁକ୍ତ. ୨:୧୧) — ଋଷିମାନେ ମନ୍ତ୍ରଦ୍ରଷ୍ଟା । ସୃଷ୍ଟିର ପ୍ରାରମ୍ଭରେ ପରମାତ୍ମା ସମଗ୍ର ମାନବଜାତିର କଲ୍ୟାଣ ନିମନ୍ତେ ଅଗ୍ନି ଋଷିଙ୍କ ହୃଦୟରେ ଋଗ୍‌ବେଦ, ବାୟୁ ଋଷିଙ୍କ ହୃଦୟରେ ଯଜୁର୍ବେଦ, ଆଦିତ୍ୟ ଋଷିଙ୍କ ହୃଦୟରେ ସାମବେଦ ଓ ଅଙ୍ଗିରା ଋଷିଙ୍କ ହୃଦୟରେ ଅଥର୍ବବେଦର ପ୍ରକାଶ କଲେ । ଅନ୍ୟମାନେ ଏମାନଙ୍କ ଠାରୁ ବେଦ ପଢ଼ିଲେ । ପରବର୍ତ୍ତୀ ସମୟରେ ଅନ୍ୟ ଋଷିଗଣ ବେଦର ସତତ ସ୍ୱାଧ୍ୟାୟ ଓ ସାଧନାର ପରିଣାମସ୍ୱରୂପ ସମାଧି ଅବସ୍ଥାରେ ସତ୍ୟର ସାକ୍ଷାତ୍କାର ତଥା ବେଦମନ୍ତ୍ରର ଗୂଢ଼ ରହସ୍ୟ ହୃଦୟଙ୍ଗମ କରି ସାଧାରଣ ଜନତାଙ୍କୁ ବେଦର ତତ୍ତ୍ୱାର୍ଥ ସରଳ ଭାବେ ବୋଧଗମ୍ୟ କରାଇବା ଉଦ୍ଦେଶ୍ୟରେ ବେଦାଙ୍ଗ, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, ଉପବେଦ, ଦର୍ଶନଶାସ୍ତ୍ର ଆଦି ରଚନା କରି ଦେଇଯାଇଛନ୍ତି । ଜ୍ଞାନ ସେମାନଙ୍କର ସବୁଠୁ ପ୍ରିୟ ବିଷୟ । ଏଣୁ ଋଷିମାନଙ୍କୁ ତୃପ୍ତ କରିବାର ସାଧନ ହେଲା ପ୍ରାଚୀନ ଜ୍ଞାନ-ବିଜ୍ଞାନର ସୁରକ୍ଷା, ନବୀନ ଜ୍ଞାନ-ବିଜ୍ଞାନର ଆବିଷ୍କାର-ଉଦ୍‌ଭାବନ ଓ ପ୍ରସାର । ସ୍ୱାଧ୍ୟାୟ-ମନନ-ପ୍ରବଚନ ଦ୍ୱାରା ହିଁ ଏ କାର୍ଯ୍ୟ ସମ୍ଭବ । ଏଣୁ ମହର୍ଷି ମନୁ ସ୍ୱାଧ୍ୟାୟକୁ ଋଷିମାନଙ୍କୁ ତର୍ପଣ କରିବାର ବିଧି ବୋଲି ଅଭିହିତ କରିଛନ୍ତି — **'ସ୍ୱାଧ୍ୟାୟେନାର୍ଚ୍ଚୟେଦର୍ଷୀନ୍'** (ମନୁ. ୩:୮୧) । ଶ୍ରାବଣୀର ମୁଖ୍ୟ ଲକ୍ଷ୍ୟ ଜନସମାଜକୁ ସ୍ୱାଧ୍ୟାୟ ପାଇଁ ପ୍ରେରିତ କରିବା । ଅତଃ ଶ୍ରାବଣୀ ଉପାକର୍ମ ଦ୍ୱାରା ବୈଦିକ ଜ୍ଞାନ-ବିଜ୍ଞାନର ସୁରକ୍ଷା-ସମ୍ବର୍ଦ୍ଧନ-ପ୍ରସାର କାର୍ଯ୍ୟ ସମ୍ପାଦିତ ହେଉଥିବାରୁ ଏହାକୁ 'ଋଷିତର୍ପଣ' ମଧ୍ୟ କୁହାଯାଏ ।

ଯଜ୍ଞୋପବୀତ ଜ୍ଞାନଗ୍ରହଣର ବାହ୍ୟ ଚିହ୍ନ । ଏହାର ତିନୋଟି ସୂତ୍ର ବ୍ୟକ୍ତିଙ୍କୁ ତା' ଉପରେ ଥିବା ଋଷିଋଣ,

ପିତୃଋଣ ଓ ଦେବଋଣ ବିଷୟରେ ସତତ ସଚେତନ କରାଇଥାଏ। ଏହା ବ୍ରତସୂତ୍ର। ଏହାକୁ ଧାରଣ କରି ବ୍ୟକ୍ତି ଜୀବନରେ ଏ ତିନିଋଣରୁ ଋଣମୁକ୍ତ ହେବା ପାଇଁ ନିରନ୍ତର ପ୍ରଯତ୍ନ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହୁଏ। ମନୁଷ୍ୟ ଜୀବନରେ ସଫଳତା ନିମନ୍ତେ ବ୍ରତଗ୍ରହଣ ଓ ବ୍ରତର ପାଳନ ଅପରିହାର୍ଯ୍ୟ। ବ୍ରତହୀନ ବ୍ୟକ୍ତିର ଜୀବନ ଲକ୍ଷ୍ୟହୀନ ନୌକାର ଯାତ୍ରା ଭଳି ହୋଇଥାଏ। ଏଣୁ ପ୍ରତ୍ୟେକ ଜ୍ଞାନପିପାସୁ, ଆଧ୍ୟାତ୍ମିକ ଉନ୍ନତିକାମୀ, ସଫଳତାଭିଳାଷୀ, ଆଗକୁ ଯିବାକୁ ଚାହୁଁଥିବା ବ୍ୟକ୍ତି ବ୍ରତଗ୍ରହଣ ପୂର୍ବକ ବ୍ରତସୂତ୍ର ବା ଯଜ୍ଞୋପବୀତ ଧାରଣ କରିବା ଏକାନ୍ତ ଆବଶ୍ୟକ ବୋଲି ଆର୍ଯ୍ୟାବର୍ତ୍ତର ଋଷିଗଣ ବିଧାନ କରିଛନ୍ତି । ଅତଏବ ତତ୍ତ୍ୱବେତ୍ତା, ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ, ଆମର ପରମହିତୈଷୀ ଋଷିମାନଙ୍କର ଏହି ବିଧାନକୁ ଶିରୋଧାର୍ଯ୍ୟ କରି ପୁରୁଷ-ମହିଳା ନିର୍ବିଶେଷରେ ପ୍ରତ୍ୟେକ ଆତ୍ମୋନ୍ନତିକାମୀ ବ୍ୟକ୍ତି ବୈଦିକ ସଂସ୍କୃତିର ପ୍ରତୀକ ଯଜ୍ଞୋପବୀତକୁ ଅତୀବ ଶ୍ରଦ୍ଧା ସହକାରେ ଅବଶ୍ୟ ଧାରଣ କରିବା ଉଚିତ। ସ୍ୱାଧ୍ୟାୟ ଓ ପ୍ରବଚନ ଋଷିଋଣରୁ ଋଣମୁକ୍ତ ହେବାର ସାଧନ । ଏଥିଯୋଗୁଁ ଯେଉଁମାନେ ପୂର୍ବରୁ ଯଜ୍ଞୋପବୀତ ଧାରଣ କରିନଥାନ୍ତି ସେମାନେ ଶ୍ରାବଣୀରେ ନୂତନ ରୂପେ ଯଜ୍ଞୋପବୀତ ଧାରଣ କରନ୍ତି ଅର୍ଥାତ୍ ସେମାନେ ସଂକଳ୍ପ ଗ୍ରହଣ କରନ୍ତି ଯେ ସେମାନେ ଅଜ୍ଞାନାନ୍ଧକାରରୁ ଜ୍ଞାନର ଆଲୋକକୁ ବାହାରିବେ । ଆଉ ଯେଉଁମାନେ ପୂର୍ବରୁ ଯଜ୍ଞୋପବୀତ ଧାରଣ କରିଥାନ୍ତି ସେମାନେ ପୁରାତନ ଯଜ୍ଞୋପବୀତ ବାହାର କରି ନବୀନ ଯଜ୍ଞୋପବୀତ ଧାରଣ କରନ୍ତି ଅର୍ଥାତ୍ ସେମାନେ ଜ୍ଞାନର ସୁରକ୍ଷା-ସମ୍ବର୍ଦ୍ଧନ-ପ୍ରସାରର ଯେଉଁ ବ୍ରତ ପୂର୍ବରୁ ଗ୍ରହଣ କରିଛନ୍ତି ତା'ର ନବୀକରଣ କରନ୍ତି; ନବୀନ ଉତ୍ସାହ-ଉଦ୍ଦୀପନାରେ ସେହି କାର୍ଯ୍ୟରେ ଲାଗିରହିବାର ଭାବନାକୁ ନିଜ ଭିତରେ ପୁନଃ ଉଦ୍ଦୀପ୍ତ କରନ୍ତି।

କାଳଚକ୍ରର ଆବର୍ତ୍ତନରେ ଧୀରେ-ଧୀରେ ବେଦଭକ୍ତ ବିଦ୍ୱାନଙ୍କ ନ୍ୟୂନତା କାରଣରୁ ତଥା ପୁରାଣଯୁଗର ପ୍ରଭାବବଶତଃ ଭାରତୀୟ ଜନସମାଜ ଧୀରେ-ଧୀରେ ଏ ପର୍ବର ମୁଖ୍ୟ ବିଶେଷତ୍ୱ ଓ ଆଭିମୁଖ୍ୟ ଭୁଲିଚାଲିଲା। ବର୍ତ୍ତମାନ ସମୟରେ ଏ ପର୍ବ ରକ୍ଷାବନ୍ଧନ ନାମରେ ପ୍ରସିଦ୍ଧ। ମଧ୍ୟଯୁଗରେ ଯେତେବେଳେ ଭାରତ ଉପରେ ବିଦେଶୀ ଆକ୍ରମଣକାରୀଙ୍କ କ୍ରୂରତାର ନଗ୍ନ ନୃତ୍ୟ ହେବାକୁ ଲାଗିଲା, ନାରୀର ସତୀତ୍ୱ ସଙ୍କଟାପନ୍ନ ହୋଇଗଲା ସେ ସମୟରେ ରକ୍ଷାବନ୍ଧନର ପରମ୍ପରା ପ୍ରଚଳିତ ହୋଇଛି। ସେ ସମୟରେ ମହିଳାମାନେ ନିଜ ସୁରକ୍ଷା ପାଇଁ ନିଜ ଭାଇ ଅଥବା ଯେଉଁ ବୀରପୁରୁଷଙ୍କ ହାତରେ ରକ୍ଷାସୂତ୍ର ବାନ୍ଧୁଥିଲେ, ସେମାନେ ଜୀବନକୁ ବାଜି ଲଗାଇ ଭଉଣୀଙ୍କ ରକ୍ଷା କରିବାକୁ ନିଜ ପରମ ଧର୍ମ ବୋଲି ମନେକରୁଥିଲେ। ଇତିହାସର ଏପରି ଘଟଣା ଆଧାରରେ ହିଁ ଭଉଣୀମାନେ ଭାଇଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିବାକୁ ଲାଗିଲେ। ଏଣୁ କାଳକ୍ରମେ ଏ ପର୍ବ ଭାଇଭଉଣୀଙ୍କ ମଧୁର ସ୍ନେହ- ସମ୍ବନ୍ଧର ପ୍ରତୀକ ହୋଇଯାଇଛି। କିନ୍ତୁ ଆମେ ଏ ଶ୍ରାବଣୀ ପର୍ବର ମୌଳିକ ଉଦ୍ଦେଶ୍ୟ ନ ଭୁଲିବା ଉଚିତ।

ଯେହେତୁ ଶ୍ରାବଣୀର ମୁଖ୍ୟ ଉଦ୍ଦେଶ୍ୟ ସମାଜରେ ଜ୍ଞାନର ପ୍ରସାର ନିମନ୍ତେ ବାତାବରଣ ସୃଷ୍ଟି, ଏଣୁ ବୈଦିକ ଜ୍ଞାନ-ବିଜ୍ଞାନର ସୁରକ୍ଷା ଓ ପ୍ରସାର ଦ୍ୱାରା ନିଜର ତଥା ସମାଜର ମଙ୍ଗଳ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ଆତ୍ମନିର୍ମାଣ ଓ ସମାଜ-ନିର୍ମାଣରେ ଏହା ଏକ ସ୍ୱର୍ଣ୍ଣିମ ଅବସର। ଶ୍ରାବଣୀ ଅବସରରେ ନିମ୍ନଲିଖିତ ବିନ୍ଦୁଗୁଡ଼ିକ କାର୍ଯ୍ୟକାରୀ କଲେ ସମାଜରେ ସ୍ୱାଧ୍ୟାୟ ଓ ସାଧନାର ବାତାବରଣ ସୃଷ୍ଟିରେ ଏହା ସହାୟକ ହେବ। ଆମ ଚତୁର୍ଦ୍ଦିଗରେ ବାତାବରଣ ଅନୁକୂଳ ରହିଲେ ଆମେ ବି ଶାନ୍ତିରେ ରହିପାରିବା। ଏଣୁ ପ୍ରତ୍ୟେକ ବୈଦିକ ଧର୍ମୀ ଏଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପୂର୍ଣ୍ଣପ୍ରାଣରେ ପ୍ରୟାସ କରିବା ଆବଶ୍ୟକ।

୧. ପ୍ରତ୍ୟହ ସମୟ ବାହାର କରି ସାଧମତେ ବୈଦିକ ସାହିତ୍ୟ ଅବଶ୍ୟ ସ୍ୱାଧ୍ୟାୟ କରିବା । ସେହି ଅଧୀତ ବିଷୟ ଉପରେ ପରିବାରର ସଦସ୍ୟଗଣ ମିଶି ଚର୍ଚ୍ଚା-ଆଲୋଚନା-ସତ୍‌ସଙ୍ଗ କରିବା ।

୨. ବୈଦିକ ସାହିତ୍ୟର ସ୍ୱାଧ୍ୟାୟ ପାଇଁ ଅନ୍ୟକୁ ପ୍ରେରିତ କରିବା । ସ୍ୱାଧ୍ୟାୟ ପାଇଁ ସାହିତ୍ୟ ଆବଶ୍ୟକ । ପାଖରେ ସାହିତ୍ୟ ଉପଲବ୍ଧ ନ ଥିଲେ ବି ଅନେକ ସମୟରେ ସ୍ୱାଧ୍ୟାୟର ରୁଚି ଜାଗ୍ରତ ହୋଇ ମଧ୍ୟ ଏହା ହୋଇପାରିନଥାଏ । ଏଣୁ ପ୍ରତ୍ୟେକ ବୈଦିକ ସିଦ୍ଧାନ୍ତପ୍ରେମୀ ଅନ୍ୟୂନ ଆଉ ୫ ଜଣଙ୍କୁ ବୈଦିକ ସାହିତ୍ୟ କ୍ରୟ କରି ସ୍ୱଗୃହରେ ରଖିବା ପାଇଁ ଇତ୍ୟବସରରେ ପ୍ରେରିତ କରିବା ।

୩. ଆଜିର ଧାଁ-ଦଉଡ଼ ଭରା ଜୀବନରେ ସାଧନା ନିମନ୍ତେ ଦୀର୍ଘକାଳ ସମୟ ବାହାର କରିପାରିବା ଜଣେ ସାମାନ୍ୟ ବ୍ୟକ୍ତି ପାଇଁ କେତେକ ସ୍ଥଳରେ କଷ୍ଟକର ହୋଇଥାଏ । ସେପରି ସ୍ଥିତିରେ ଅନ୍ୟୂନ ପକ୍ଷେ ଶ୍ରାବଣ ପୂର୍ଣ୍ଣିମାଠାରୁ କିଛି ଦିନ ପର୍ଯ୍ୟନ୍ତ **'ବୈଦିକ ସାଧନା ସତ୍ର'** ଅବଶ୍ୟ ପାଳନ କରିବା । ଏହି ସମୟ ମଧ୍ୟରେ ପ୍ରତ୍ୟହ ଯଜ୍ଞ, ସତ୍‌ସଙ୍ଗ ଆଦିର ଅନୁଷ୍ଠାନ କରିବା । ଯେଉଁଠି ଏକାଧିକ ବୈଦିକ ଧର୍ମୀ ଥିବେ ସେ ସ୍ଥାନରେ ପ୍ରତ୍ୟହ ଭ୍ରାମ୍ୟମାଣ ସତ୍‌ସଙ୍ଗର ଆୟୋଜନ କରିବା ।

ମହର୍ଷି ମନୁ କହନ୍ତି — **'ସର୍ବେଷାମେବ ଦାନାନାଂ ବ୍ରହ୍ମଦାନଂ ବିଶିଷ୍ୟତେ'** (ମନୁ. ୪:୨୩୩) — ସଂସାରରେ ଜଳଦାନ, ଅନ୍ନଦାନ, ଗୋଦାନ, ଭୂମିଦାନ, ବସ୍ତ୍ରଦାନ ଆଦି ଯେତେ ପ୍ରକାର ଦାନ ଅଛି ସବୁଠୁ ବେଦବିଦ୍ୟାର ଦାନ ସର୍ବଶ୍ରେଷ୍ଠ ଦାନ । ବୈଦିକ ବିଚାରର ପ୍ରସାର ସର୍ବୋତ୍ତମ କାର୍ଯ୍ୟ । ଏଣୁ ଏହି କାର୍ଯ୍ୟରେ ତନୁ-ମନ-ଧନ ସକଳର ସର୍ବାଧିକ ଉପଯୋଗ ବାଞ୍ଛନୀୟ । ବେଦ ପ୍ରଚାର କାର୍ଯ୍ୟ ଈଶ୍ୱରୀୟ କାର୍ଯ୍ୟ । ଆମେ ଯେତେ ଏଥିରେ ସହଯୋଗ କରିବା ସେତେ ଅଧିକ ଈଶ୍ୱରୀୟ ଆଶୀର୍ବାଦ ପ୍ରାପ୍ତ କରିବା ।

# ଉପାକର୍ମ-ପଦ୍ଧତିଃ

ପ୍ରାତଃକାଳରେ ସ୍ନାନ ସମାପନ କରି ସମସ୍ତେ ଯଜ୍ଞମଣ୍ଡପରେ ଯଥା ସ୍ଥାନରେ ବସି ପ୍ରଥମେ ସନ୍ଧ୍ୟୋପାସନା କରିବେ । ତଦନନ୍ତର **'ଯଜ୍ଞବିଧି'** ଅନ୍ତର୍ଗତ **'ଋତ୍ୱିଗ୍‌ବରଣ', 'ଆଚମନ', 'ଅଙ୍ଗସ୍ପର୍ଶ', 'ଈଶ୍ୱରସ୍ତୁତିପ୍ରାର୍ଥନୋପାସନା', 'ସ୍ୱସ୍ତିବାଚନ', 'ଶାନ୍ତିକରଣ'** ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ତା' ପରେ ଆର୍ଯ୍ୟ ଅଥବା ଋତ୍ୱିଗ୍ ନିମ୍ନ ଦୁଇଟି ମନ୍ତ୍ରରେ ସମସ୍ତଙ୍କୁ ନବୀନ ଯଜ୍ଞୋପବୀତ ଧାରଣ କରାଇବେ ।

**ଓ୩ମ୍ ଯଜ୍ଞୋପବୀତଂ ପରମଂ ପବିତ୍ରଂ ପ୍ରଜାପତେର୍ଯତ୍‌ସହଜଂ ପୁରସ୍ତାତ୍ । ଆୟୁଷ୍ୟମଗ୍ର୍ୟଂ ପ୍ରତିମୁଞ୍ଚ ଶୁଭ୍ରଂ ଯଜ୍ଞୋପବୀତଂ ବଳମସ୍ତୁ ତେଜଃ ॥ ୧॥**

**ଓ୩ମ୍ ଯଜ୍ଞୋପବୀତମସି ଯଜ୍ଞସ୍ୟ ତ୍ୱା ଯଜ୍ଞୋପବୀତେନୋପନହ୍ୟାମି ॥ ୨ ॥**

(ପାର. ଗୃହ୍ୟ. ୨:୨:୧୧)

ତତ୍‌ପଶ୍ଚାତ୍ ଯଜ୍ଞବିଧି ପୁସ୍ତକର ୨୯ ପୃଷ୍ଠାର **'ଅଗ୍ନ୍ୟାଧାନ'** ଠାରୁ ୩୬ ପୃଷ୍ଠାର **'ଅଷ୍ଟାଜ୍ୟାହୁତି'** ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ତା' ପରେ ନିମ୍ନ ପାଞ୍ଚୋଟି ମନ୍ତ୍ରରେ ଘୃତାହୁତି ପ୍ରଦାନ କରିବେ ।

**ଓ୩ମ୍ ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍ । ତେନର୍ଧ୍ୟାସମିଦ-ମହମନୃତାତ୍‌ସତ୍ୟମୁପୈମି ସ୍ୱାହା ॥ ଇଦମଗ୍ନୟେ - ଇଦନ୍ନ ମମ ॥ ୧ ॥**

**ଓ୩ମ୍ ବାୟୋ ବ୍ରତପତେ ବ୍ରତଂ ଚରିଷ୍ୟାମି**

ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍। ତେନର୍ଧାସମିଦ-ମହମନୃତାତ୍ସତ୍ୟମୁପୈମି ସ୍ୱାହା ॥ ଇଦଂ ବାୟବେ - ଇଦନ୍ନ ମମ ॥ ୨ ॥

ଓଁମ୍ ସୂର୍ଯ୍ୟ ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍। ତେନର୍ଧାସମିଦ-ମହମନୃତାତ୍ସତ୍ୟମୁପୈମି ସ୍ୱାହା ॥ ଇଦଂ ସୂର୍ଯ୍ୟାୟ - ଇଦନ୍ନ ମମ ॥ ୩ ॥

ଓଁମ୍ ଚନ୍ଦ୍ର ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍। ତେନର୍ଧାସମିଦ-ମହମନୃତାତ୍ସତ୍ୟମୁପୈମି ସ୍ୱାହା ॥ ଇଦଂ ଚନ୍ଦ୍ରାୟ - ଇଦନ୍ନ ମମ ॥ ୪ ॥

ଓଁମ୍ ବ୍ରତାନାଂ ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍। ତେନର୍ଧାସମିଦ-ମହମନୃତାତ୍ସତ୍ୟମୁପୈମି ସ୍ୱାହା ॥ ଇଦମିନ୍ଦ୍ରାୟ ବ୍ରତପତୟେ - ଇଦନ୍ନ ମମ ॥ ୫ ॥

(ମନ୍ତ୍ର. ବ୍ରା. ୧:୬:୯-୧୩)

ନିମ୍ନ ୧୨ଟି ମନ୍ତ୍ରରେ ଘୃତାହୁତି ଦେବେ।

ଓଁମ୍ ବ୍ରହ୍ମଣେ ସ୍ୱାହା ॥ ୧ ॥

ଓଁମ୍ ଛନ୍ଦୋଭ୍ୟଃ ସ୍ୱାହା ॥ ୨ ॥

ଓଁମ୍ ସାବିତ୍ର୍ୟୈ ସ୍ୱାହା ॥ ୩ ॥

ଓଁମ୍ ବ୍ରହ୍ମଣେ ସ୍ୱାହା ॥ ୪ ॥

ଓଁମ୍ ଶ୍ରଦ୍ଧାୟୈ ସ୍ୱାହା ॥ ୫ ॥

ଓଁମ୍ ମେଧାୟୈ ସ୍ୱାହା ॥ ୬ ॥

ଓଁମ୍ ପ୍ରଜ୍ଞାୟୈ ସ୍ୱାହା ॥ ୭ ॥

ଓଁମ୍ ଧାରଣାୟୈ ସ୍ୱାହା ॥ ୮ ॥

ଓଁମ୍ ସଦସସ୍ପତୟେ ସ୍ୱାହା ॥ ୯ ॥

ଓଁମ୍ ଅନୁମତୟେ ସ୍ୱାହା ॥ ୧୦ ॥

ଓଁମ୍ ଛନ୍ଦୋଭ୍ୟଃ ସ୍ୱାହା ॥ ୧୧ ॥

ଓଁମ୍ ଋଷିଭ୍ୟଃ ସ୍ୱାହା ॥ ୧୨ ॥

ତତ୍ପରେ ଋଗ୍ବେଦର ନିମ୍ନଲିଖିତ ୧୧ଟି ମନ୍ତ୍ର ଦ୍ୱାରା ଆହୁତି ଦେବେ।

ଓଁମ୍ ବୃହସ୍ପତେ ପ୍ରଥମଂ ବାଚୋ ଅଗ୍ରଂ ୟତ୍ପ୍ରୈରତ ନାମଧେୟଂ ଦଧାନାଃ। ୟଦେଷାଂ ଶ୍ରେଷ୍ଠଂ ୟଦରିପ୍ରମାସୀତ୍-ପ୍ରେଣା ତଦେଷାଂ ନିହିତଂ ଗୁହାବିଃ ସ୍ୱାହା ॥ ୧ ॥

ଓଁମ୍ ସକ୍ତୁମିବ ତିତଉନା ପୁନନ୍ତୋ ୟତ୍ର ଧୀରା ମନସା ବାଚମକ୍ରତ। ଅତ୍ରା ସଖାୟଃ ସଖ୍ୟାନି ଜାନତେ ଭଦ୍ରୈଷାଂ ଲକ୍ଷ୍ମୀର୍ନିହିତାଧି ବାଚି ସ୍ୱାହା ॥ ୨ ॥

ଓଁମ୍ ୟଜ୍ଞେନ ବାଚଃ ପଦବୀୟ-ମାୟନ୍ତାମନ୍ୱବିନ୍ଦନ୍ନୃଷିଷୁ ପ୍ରବିଷ୍ଟାମ୍। ତାମାଭୃତ୍ୟା ବ୍ୟଦଧୁଃ ପୁରୁତ୍ରା ତାଂ ସପ୍ତ ରେଭା ଅଭି ସଂ ନବନ୍ତେ ସ୍ୱାହା ॥ ୩ ॥

ଓଁମ୍ ଉତ ତ୍ୱଃ ପଶ୍ୟନ୍ନ ଦଦର୍ଶ ବାଚମୁତ ତ୍ୱଃ ଶୃଣ୍ୱନ୍ନ ଶୃଣୋତ୍ୟେନାମ୍। ଉତୋ ତ୍ୱସ୍ମୈ ତନ୍ୱଂ ବି ସସ୍ରେ ଜାୟେବ ପତ୍ୟ ଉଶତୀ ସୁବାସାଃ ସ୍ୱାହା ॥ ୪ ॥

ଓଁମ୍ ଉତ ତ୍ୱଂ ସଖ୍ୟେ ସ୍ଥିରପୀତ-ମାହୁର୍ନୈନଂ ହିନ୍ୱନ୍ତ୍ୟପି ବାଜିନେଷୁ। ଅଧେନ୍ୱା ଚରତି ମାୟୟୈଷ ବାଚଂ ଶୁଶ୍ରୁବାଁ ଅଫଲାମପୁଷ୍ପାଂ ସ୍ୱାହା ॥ ୫ ॥

ଓଁମ୍ ୟସ୍ତିତ୍ୟାଜ ସଚିବିଦଂ ସଖାୟଂ ନ ତସ୍ୟ ବାଚ୍ୟପି ଭାଗୋ ଅସ୍ତି। ୟଦୀଂ

**ଶୃଣୋତ୍ୟଲକଂ ଶୃଣୋତି ନହି ପ୍ରବେଦ ସୁକୃତସ୍ୟ ପନ୍ଥାଂ ସ୍ୱାହା ॥ ୬ ॥**

**ଓ୩ମ୍ ଅକ୍ଷଣ୍ୱନ୍ତଃ କର୍ଣ୍ଣବନ୍ତଃ ସଖାୟୋ ମନୋଜବେଷ୍ୱସମା ବଭୂବୁଃ । ଆଦଘ୍ନାସ ଉପକକ୍ଷାସ ଉ ତ୍ୱେ ହ୍ରଦା ଇବ ସ୍ନାତ୍ୱା ଉ ତ୍ୱେ ଦଦୃଶ୍ରେ ସ୍ୱାହା ॥ ୭ ॥**

**ଓ୩ମ୍ ହୃଦା ତଷ୍ଟେଷୁ ମନସୋ ଜବେଷୁ ୟଦ୍ ବ୍ରାହ୍ମଣାଃ ସଂୟଜନ୍ତେ ସଖାୟଃ । ଅତ୍ରାହ ତ୍ୱଂ ବି ଜହୁର୍ବେଦ୍ୟାଭିରୋହ-ବ୍ରହ୍ମାଣୋ ବି ଚରନ୍ତ୍ୟୁ ତ୍ୱେ ସ୍ୱାହା ॥ ୮ ॥**

**ଓ୩ମ୍ ଇମେ ୟେ ନାର୍ବାଙ୍ଗ୍ ନ ପରଶ୍ଚରନ୍ତି ନ ବ୍ରାହ୍ମଣାସୋ ନ ସୁତେକରାସଃ । ତ ଏତେ ବାଚମଭିପଦ୍ୟ ପାପୟା ସିରୀସ୍ତନ୍ତ୍ରଂ ତନ୍ୱତେ ଅପ୍ରଜଜ୍ଞୟଃ ସ୍ୱାହା ॥ ୯ ॥**

**ଓ୩ମ୍ ସର୍ବେ ନନ୍ଦନ୍ତି ୟଶସାଗତେନ ସଭାସାହେନ ସଖ୍ୟା ସଖାୟଃ । କିଲ୍ବିଷସ୍ପୃତ୍-ପିତୁଷଣିର୍ହ୍ୟେଷାମରଂ ହିତୋ ଭବତି ବାଜିନାୟ ସ୍ୱାହା ॥ ୧୦ ॥**

**ଓ୩ମ୍ ଋଚାଂ ତ୍ୱଃ ପୋଷମାସ୍ତେ ପୁପୁଷ୍ୱାନ୍ଗାୟତ୍ରଂ ତ୍ୱୋ ଗାୟତି ଶକ୍ୱରୀଷୁ । ବ୍ରହ୍ମା ତ୍ୱୋ ବଦତି ଜାତବିଦ୍ୟାଂ ୟଜ୍ଞସ୍ୟ ମାତ୍ରାଂ ବି ମିମୀତ ଉ ତ୍ୱଃ ସ୍ୱାହା ॥ ୧୧ ॥**

(ଋକ୍. ୧୦:୭୧:୧-୧୧)

ତା' ପରେ ନିମ୍ନମନ୍ତ୍ରରେ ଆହୁତି ଦେବେ । ୟଜମାନ ତ ଆହୁତି ଦେବେ; କିନ୍ତୁ ଅନ୍ୟ ସମସ୍ତ ଉପସ୍ଥିତ ବ୍ୟକ୍ତି କେବଳ ମନ୍ତ୍ର ପଢ଼ିବେ ।

**ଓ୩ମ୍ ସଦସସ୍ପତିମଦ୍ଭୁତଂ ପ୍ରିୟମିନ୍ଦ୍ରସ୍ୟ କାମ୍ୟମ୍ । ସନିଂ ମେଧାମୟାସିଷଂ ସ୍ୱାହା ॥**

(ୟଜୁଃ. ୩୨:୧୩)

ପ୍ରତ୍ୟେକ ଉପସ୍ଥିତ ବ୍ୟକ୍ତି ତିନୋଟି ଲେଖାଏଁ ସମିଧ ଘୃତସିକ୍ତ କରି ତିନି ଥର ନିମ୍ନ ସାବିତ୍ରୀ ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରତ୍ୟେକ ମନ୍ତ୍ରରେ ଖଣ୍ଡିଏ ଲେଖାଏଁ ସମିଧ ଆହୁତି ଦେବେ ।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ୟୋ ନଃ ପ୍ରଚୋଦୟାତ୍ ସ୍ୱାହା ॥** (ୟଜୁଃ. ୩୬:୩)

ତା' ପରେ ଘୃତ ଅଥବା ଘୃତଯୁକ୍ତ ଭାତ ବା ଖେଚୁଡ଼ି ଦ୍ୱାରା ନିମ୍ନ ମନ୍ତ୍ରରେ ସ୍ୱିଷ୍ଟକୃତ୍ ଆହୁତି ଦେବେ ।

**ଓ୩ମ୍ ୟଦସ୍ୟ କର୍ମଣୋଽତ୍ୟରୀରିଚଂ ୟଦ୍ୱା ନ୍ୟୂନମିହା-କରମ୍ । ଅଗ୍ନିଷ୍ଟତ୍ସ୍ୱିଷ୍ଟକୃଦ୍ବିଦ୍ୟାତ୍ସର୍ବଂ ସ୍ୱିଷ୍ଟଂ ସୁହୁତଂ କରୋତୁ ମେ । ଅଗ୍ନୟେ ସ୍ୱିଷ୍ଟକୃତେ ସୁହୁତହୁତେ ସର୍ବପ୍ରାୟଶ୍ଚିତ୍ତାହୁତୀନାଂ କାମାନାଂ ସମର୍ଦ୍ଧୟିତ୍ରେ ସର୍ବାନ୍ନଃ କାମାନ୍ତ୍ସମର୍ଦ୍ଧୟ ସ୍ୱାହା ॥ ଇଦମଗ୍ନୟେ ସ୍ୱିଷ୍ଟକୃତେ - ଇଦଂ ନ ମମ ॥**

(ଆଶ୍ୱ. ଗୃହ୍ୟ. ୧:୧୦:୨୨)

ତା' ପରେ ୟଜ୍ଞବିଧି ପୁସ୍ତକର ୩୮ ପୃଷ୍ଠାର 'ଦୈନିକ ଅଗ୍ନିହୋତ୍ର', ୪୪ ପୃଷ୍ଠାର 'ପୌର୍ଣ୍ଣମାସେଷ୍ଟି'ର ଆହୁତି ଦେଇ ପୂର୍ଣ୍ଣାହୁତି ଦେବେ ।

ଏହାପରେ ସମସ୍ତେ ନିମ୍ନ ମନ୍ତ୍ର ପଢ଼ିବେ ।

**ଓ୩ମ୍ ଶନ୍ନୋ ମିତ୍ରଃ ଶଂ ବରୁଣଃ ଶନ୍ନୋ ଭବତ୍ୱର୍ୟ୍ୟମା । ଶନ୍ନଽଇନ୍ଦ୍ରୋ ବୃହସ୍ପତିଃ ଶନ୍ନୋ ବିଷ୍ଣୁରୁରୁକ୍ରମଃ ॥ ନମୋ ବ୍ରହ୍ମଣେ ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ ତଦ୍ବକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମ୍ । ଓ୩ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥**

(ତୈତ୍ତି. ଆ. ପ୍ରପା.୭ : ଅନୁ.୧)

ତା' ପରେ ଆଚମନ କରି ସମସ୍ତେ ପୁରୋହିତଙ୍କ ସହ ମିଶି ତିନିଥର ସାବିତ୍ରୀ ମନ୍ତ୍ର ପଢ଼ିବେ।

**ଓମ୍ ଭୂର୍ଭୁବଃ ସ୍ୱଃ। ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି। ଧିୟୋ ୟୋ ନଃ ପ୍ରଚୋଦୟାତ୍ ॥** (ଯଜୁଃ. ୩୬:୩)

ତତ୍ପଶ୍ଚାତ୍ ସମସ୍ତ ସତ୍ୟବିଦ୍ୟାର ଭଣ୍ଡାର ଚାରି ବେଦରୁ ପ୍ରତ୍ୟେକ ବେଦର ପ୍ରଥମ ଓ ଶେଷ ମନ୍ତ୍ର ପଢ଼ିବେ।

## ଋଗ୍‌ବେଦ—

**ଓମ୍ ଅଗ୍ନିମୀଳେ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍। ହୋତାରଂ ରତ୍ନଧାତମମ୍ ॥**

(ଋକ୍. ୧:୧:୧)

**ଓମ୍ ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ। ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ॥** (ଋକ୍. ୧୦:୧୯୧:୪)

## ଯଜୁର୍ବେଦ—

**ଓମ୍ ଇଷେ ତ୍ୱୋର୍ଜେ ତ୍ୱା ବାୟବ ସ୍ଥ ଦେବୋ ବଃ ସବିତା ପ୍ରାର୍ପୟତୁ ଶ୍ରେଷ୍ଠତମାୟ କର୍ମଣଽ ଆପ୍ୟାୟଧ୍ୱମଘ୍ନ୍ୟାଽ ଇନ୍ଦ୍ରାୟ ଭାଗଂ ପ୍ରଜାବତୀରନମୀବାଽ ଅୟକ୍ଷ୍ମା ମା ବ ସ୍ତେନଽ ଈଶତ ମାଘଶଂସୋ ଧ୍ରୁବାଽ ଅସ୍ମିନ୍ ଗୋପତୌ ସ୍ୟାତ ବହ୍ୱୀର୍ୟଜମାନସ୍ୟ ପଶୂନ୍ ପାହି ॥**

(ଯଜୁଃ. ୧:୧)

**ଓମ୍ ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍। ଯୋଽସାବାଦିତ୍ୟେ ପୁରୁଷଃ ସୋଽସାବହମ୍। ଓମ୍ ଖଂ ବ୍ରହ୍ମ ॥** (ଯଜୁଃ. ୪୦:୧୭)

## ସାମବେଦ—

**ଓମ୍ ଅଗ୍ନ ଆ ଯାହି ବୀତୟେ ଗୃଣାନୋ ହବ୍ୟଦାତୟେ। ନି ହୋତା ସତ୍ସି ବର୍ହିଷି ॥**

(ସାମ. ପୂର୍ବା. ୧:୧:୧)

**ଓମ୍ ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ। ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥**

(ସାମ. ଉତ୍ତରା. ୯:୩:୩)

## ଅଥର୍ବବେଦ—

**ଓମ୍ ୟେ ତ୍ରିଷପ୍ତାଃ ପରିୟନ୍ତି ବିଶ୍ୱା ରୂପାଣି ବିଭ୍ରତଃ। ବାଚସ୍ପତିର୍ବଲା ତେଷାଂ ତନ୍ୱୋ ଅଦ୍ୟ ଦଧାତୁ ମେ ॥** (ଅଥର୍ବ. ୧:୧:୧)

**ଓମ୍ ପନାୟ୍ୟଂ ତଦଶ୍ୱିନା କୃତଂ ବାଂ ବୃଷଭୋ ଦିବୋ ରଜସଃ ପୃଥିବ୍ୟାଃ। ସହସ୍ରଂ ଶଂସା ଉତ ୟେ ଗବିଷ୍ଟୌ ସର୍ବାଁ ଇତ୍ତାଁ ଉପ ୟାତା ପିବଧ୍ୟୈ ॥** (ଅଥର୍ବ. ୨୦:୧୪୩:୯)

ତତ୍ପଶ୍ଚାତ୍ ନିମ୍ନ ମନ୍ତ୍ର ପାଠ କରିବେ।

**ଓମ୍ ସହ ନାବବତୁ। ସହ ନୌ ଭୁନକ୍ତୁ। ସହ ବୀର୍ୟଂ କରବାବହୈ। ତେଜସ୍ୱି ନାବଧୀତମସ୍ତୁ। ମା ବିଦ୍ୱିଷାବହୈ। ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥**

(ତୈତ୍ତିରୀୟ. ୨:୧)

ତା' ପରେ ବେଦାଲୋଚନା ଆଦି କରି ଶେଷରେ 'ଶାନ୍ତିପାଠ' କରିବେ।

❖❖❖





ସରସ୍ୱତୀ ବିଦ୍ୟାମନ୍ଦିର ନିଆଳିର ରଜତ ଜୟନ୍ତୀ ସମାରୋହ





ସରସ୍ୱତୀ ବିଦ୍ୟାମନ୍ଦିର ନିଆଳିର ରଜତ ଜୟନ୍ତୀ ସମାରୋହ





ସରସ୍ୱତୀ ବିଦ୍ୟାମନ୍ଦିର ନିଆଳିର ରଜତ ଜୟନ୍ତୀ ସମାରୋହରେ ବୃକ୍ଷରୋପଣ






ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

RNI Regn. No. : ODIODI/2015/65938
₹ 20/- Shruti Sourabha Vol. 6 Issue 4 May - June 2021






ଡି.ଏ.ଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟରେ ସ୍ୱାମୀ ସୁଧାନନ୍ଦଙ୍କ ଉଦ୍‌ବୋଧନ





ଭୁବନେଶ୍ୱରର ଜୁପିଟର ବିଜ୍ଞାନ ମହାବିଦ୍ୟାଳୟରେ ସ୍ୱାମୀ ସୁଧାନନ୍ଦଙ୍କ ମାର୍ଗଦର୍ଶନ

**Shruti Sourabha**
**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**